# ପର୍ଯ୍ୟବେକ୍ଷକ

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

PARYABEKHYAK | पर्यवेक्षक

Vol.27. No.36 Bhubaneswar Friday March 14 2025 | ୨୭ତମ ବର୍ଷ ସଂଖ୍ୟା–୩୬ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୪, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ରାସ୍ତାରୁ ୧୦ ଫୁଟ ତଳକୁ ଖସିଲା ବସ୍, ଜଣେ ମୃତ

ସୁନ୍ଦରଗଡ, ୧୩।୩(ପି.ଏନ): ରାସ୍ତାରୁ ତଳକୁ ଖସିଲା ବସ। ରାସ୍ତାରୁ ୧୦ ଫୁଟ ତଳକୁ ଖସି ପଡିଛି ଯାତ୍ରୀବାହୀ ବସ । ସୁନ୍ଦରଗଡ଼ ସଦର ଥାନା ଟାଙ୍ଗରମୁଣ୍ଡା ନିକଟରେ ଘଟିଛି ଏହି ଦୁର୍ଘଟଣା। ଦୁର୍ଘଟଣାରେ ଜଣେ ମୃତ ଏବଂ ୪୦ ରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି। ବସଟି ଦ୍ରୁତ ଗତିରେ ଆସି ଏକ ବାଇକକୁ ଧକ୍କା ଦେଇଥିଲା। ଏହା ପରେ ବସଟି ଭାରସାମ୍ୟ ହରାଇ ୧୦ ଫୁଟ ତଳକୁ ଖସି ପଡ଼ିଥିଲା। ଏହି ବସଟି ଘରୋଇ ଯାତ୍ରୀବାହୀ ବସ। ବସଟି କିଞ୍ଜିରକେଲାରୁ ସୁନ୍ଦରଗଡ଼ ଆସୁଥିଲା । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ଅଭିନନ୍ଦନ

ପବିତ୍ର ହୋଲି ଉପଲକ୍ଷେ ଆମର ଅଗଣିତ ପାଠକ–ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **–ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ହୋଲି ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ମାର୍ଚ୍ଚ ୧୪ ଓ ୧୫ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

**–ପ୍ରକାଶକ**

# ରାଜା ଚ଼କ୍ର ଗିରଫ: କ୍ରାଇମବ୍ରାଞ୍ଚ ଦେଲା କଳାଚ଼ିଠାର ତାଲିକା, ବଢ଼ିଲା ବିଜେଡିର ପ୍ରଭାବଶାଳୀଙ୍କ ଅଡୁଆ



ଭୁବନେଶ୍ୱର, ୧୩।୩(ପି.ଏନ): କେନ୍ଦୁଝରର ବିଜେଡି ନେତା ସୌମ୍ୟଶଙ୍କର ଚ଼କ୍ର ଓରଫ ରାଜା ଚ଼କ୍ରଙ୍କୁ ଗୁରୁବାର କ୍ରାଇମବ୍ରାଂଚ଼ର ଅର୍ଥନୀତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଗିରଫ କରିଛି । ରାଜାଙ୍କୁ ରିମାଣ୍ଡରେ ନେଇ ଜେରା କରିବା ସହ ତାଙ୍କର ଆୟର ସ୍ରୋତ, ଆର୍ଥିକ ଦେଣନେଣ ଓ ବିଭିନ୍ନ ସ୍ଥାନରେ ନିବେଶ ଆଦିର ଖୋଳତାଡ କରିବ । ରାଜା ଚ଼କ୍ରଙ୍କ ଗିରଫ ପରେ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ, ପ୍ରଣବପ୍ରକାଶ ଦାସ, ମାନସ ମଙ୍ଗରାଜ ଓ ବିଜେଡି ସରକାରରେ ତୃତୀୟ ମହଲାରେ ଅବସ୍ଥାପିତ ଥିବା ଜଣେ ଆଇପିଏସ ଅଫିସରଙ୍କ ଅଡୁଆ ବ?ିବ ବୋଲି ଚ଼ର୍ଚ୍ଚା ହେଉଛି । ରାଜାଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ବୁଧବାର ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଥିଲେ । ଆଜି ରାଜାଙ୍କ କଳା ସାମ୍ରାଜ୍ୟ ସମ୍ପର୍କରେ କ୍ରାଇମବ୍ରାଂଚ଼ ଏକ ସାମ୍ବାଦିକ ସମ୍ମିଳନୀ କରି ଅନେକ ଚାଂଚ଼ଲ୍ୟକର ତଥ୍ୟ ମଧ୍ୟ ଦେଇଛି ।

**କ୍ରାଇମବ୍ରାଂଚ଼ ଦେଲା ରାଜାଙ୍କ କଳାସାମ୍ରାଜ୍ୟର ଚ଼ିଠା**

କେନ୍ଦୁଝର ଜିଲ୍ଲାର ଗନ୍ଧମାର୍ଦ୍ଦନ ଖଣି ଅଂଚ଼ଳ ନିକଟରେ ବସବାସ କରୁଥିବା ଗାଁ ଲୋକମାନେ ଇଓଡବ୍ଲ୍ୟୁରେ ମାର୍ଚ୍ଚ ୭ତାରିଖରେ ଏକ ଅଭିଯୋଗ ଦେଇଥିଲେ । ଯେଉଁ ଆଧାରରେ ଆଇପିସିର ଧାରା ୪୦୬,୪୦୯, ୪୦୮, ୪୨୦, ୪୬୭, ୪୬୮, ୪୭୧ ଓ ୧୨୦–ଖ'ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ରାଜାଙ୍କୁ ଗିରଫ କରାଯାଇଛି । ଗିରଫ ସମ୍ପର୍କରେ ସୂଚ଼ନା ଦେଇ କ୍ରାଇମବ୍ରାଂଚ଼ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ, ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସୀ ଓ ସୋସାଇଟି ପରିଚ଼ାଳନାରେ ବ୍ୟାପକ ଅନିୟମିତତା ହୋଇଛି । ଏହି ଟଙ୍କା ସ୍ଥାନୀୟ ଅଂଚ଼ଳର ଲୋକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହେବା କଥା । ପ୍ରାଥମିକ ତଦନ୍ତ ପରେ ଜଣାପଡିଛି ଯେ ୨୦୧୭–୧୮ରୁ ୨୦୨୪ ମାର୍ଚ୍ଚ ମାସ ମଧ୍ୟରେ ମୋଟ ୧୮୫କୋଟି ଟଙ୍କା ଏହି ଲୋଡିଂ ଏଜେନ୍ସୀ ଉପାର୍ଜନ କରିଛି । ଏହି ପରିମାଣ ମଧ୍ୟ ଅଧିକ ହୋଇପାରେ ।୨୦୧୨–୧୩ ମସିହାରୁ ଏହି ସୋସାଇଟିର ଅଡିଟ୍ ହୋଇନାହିଁ । କୌଣସି ଦସ୍ତାବିଜରେ ତାଳମେଳ ମଧ୍ୟ ନାହିଁ । ପାରିପାର୍ଶ୍ୱିକ ବିକାଶ ନାଁରେ ୩୪କୋଟି ଟଙ୍କା ନିଆଯାଇଛି,ମାତ୍ର ତାହା ସେବାବଦରେ ଖର୍ଚ୍ଚ ହୋଇନାହିଁ ଓ ଏହାକୁ ଆତ୍ମସାତ କରାଯାଇଛି । ସେହିପରି ୯.୧କୋଟି ଟଙ୍କା ମା' କାଳୀ ପେଟ୍ରୋଲ ପମ୍ପକୁ ପୈଠ କରାଯାଇଛି । ମାତ୍ର ସେହି ପେଟ୍ରୋଲ ପମ୍ପ କୌଣସି ତେଲ ଦେଇନାହିଁ । ସେ କେବଳ ରାଜା ଚ଼କ୍ରଙ୍କ ଗାଡିଗୁଡିକୁ ତେଲ ଦେଇଛି, ଯାହାର ବିଲ୍ ଏହି ସୋସାଇଟି ଦ୍ୱାରା ପୈଠ ହୋଇଛି । ସୋସାଇଟିର ସଦସ୍ୟ ଥିବା ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରାୟ ୩୩କୋଟି ଟଙ୍କା ବଂଟନ କରାଯାଇଛି । ସେମାନେ ଯେଭଳି ସର୍ବଦା ରାଜା ଚ଼କ୍ରଙ୍କ ସପକ୍ଷରେ ବାହାରିବେ ତାହା ସୁନିଶ୍ଚିତ କରାଯାଇଛି । ସେହିପରି ଲୋଡିଂ ଚ଼ାର୍ଜ ଓ ମଜୁରୀ ବାବଦରେ ପ୍ରାୟ ୭୪କୋଟି ଟଙ୍କା ପୈଠ ହୋଇଛି । ମାତ୍ର ଦସ୍ତାବିଜରୁ ଜଣାପଡୁଛି ସେଥିରେ ବ୍ୟାପକ ଅନିୟମିତତା ହୋଇଛି । ତେଣୁ ୨୦୧୨–୧୩ ପରଠୁ ଏଠାରେ ଅଡିଟ୍ ହୋଇନଥିବାରୁ ଏହି ଅଡିଟ୍ କରିବାକୁ ନିଷ୍ପତ୍ତି ନିଆଯାଇଛି।

ରାଜା ଚ଼କ୍ର ଏହି ସୋସାଇଟିର ସଦସ୍ୟ ନଥିଲେ । କିନ୍ତୁ ସେ ନିଜର ଖାସ୍ ସହଯୋଗୀ ସଦାଶିବ ସାମଲ, ସୁଧାଂଶୁ ଶେଖର ନାଏକ ଓ ସମୀର ଜେନାଙ୍କ ମାଧ୍ୟମରେ ଏହି ସୋସାଇଟିକୁ ନିୟନ୍ତ୍ରଣ କରୁଥିଲେ । ସୋସାଇଟି ତାଙ୍କର ନିର୍ଦ୍ଦେଶରେ ହିଁ ପରିଚ଼ାଳିତ ହେଉଥିଲା ।

ରାଜା ଚ଼କ୍ରଙ୍କର ଶଙ୍କର ମିନେରାଲ, ଶଙ୍କର ଟ୍ରାନ୍ସପୋର୍ଟ, ଶଙ୍କର ରୋଡୱେଜ ଓ ଶଙ୍କର ପ୍ରୋଜେକ୍ଟ ଭଳି ବହୁ ବ୍ୟବସାୟିକ ସଂସ୍ଥା ରହିଛି । ତାଙ୍କର ୪୨ଟି ଗାଡି ଓ ୨ଟି ସ୍କ୍ରିନିଂ ପ୍ଲାଂଟକୁ ସିଜ୍ କରାଯାଇଛି । ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରାଯିବା ସହ ବ୍ୟାଙ୍କରେ ଥିବା ୨୫ଲକ୍ଷ ଟଙ୍କାକୁ ମଧ୍ୟ ଫ୍ରିଜ୍ କରାଯାଇଛି । ଏହି ସମ୍ପୂର୍ଣ୍ଣ ର?ାକେଟରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବା ପାଇଁ ଅଧିକ ଜେରା କରାଯାଉଛି ବୋଲି ଶ୍ରୀ ମିଶ୍ର ସୂଚ଼ନା ଦେଇଛନ୍ତି ।

**ରାଜା ଚ଼କ୍ରଙ୍କ ଗିରଫ ପରେ ବଢ଼ିଲା ବିଜେଡି ନେତାଙ୍କ ଅଡୁଆ**

ରାଜାଙ୍କ ବିରୁଦ୍ଧରେ ଇଓଡବ୍ଲ୍ୟୁରେ ଗୋଟିଏ ଏବଂ କେନ୍ଦୁଝରର ବିଭିନ୍ନ ଥାନାରେ ୧୩ଟି ମାମଲା ରହିଛି । ଏସବୁ ମାମଲାର ପୁଲିସ୍ ପୁଣିଥରେ ତଦନ୍ତ ଆରମ୍ଭ କରିଛି ।

## ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବାସଭବନ ଘେରାଉ ଉଦ୍ୟମ କଲା କଂଗ୍ରେସ



ଭୁବନେଶ୍ୱର, ୧୩।୩(ପି.ଏନ): ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଅଶ୍ଳୀଳ ଭାଷା ପ୍ରୟୋଗ ନେଇ କଂଗ୍ରେସର ପ୍ରତିବାଦ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲୋୟର ପିଏମଜି ବାସଭବନ ଘେରାଉ ଉଦ୍ୟମ । ଗତ ୧୧ ତାରିଖରେ ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଯାହାକୁ ନେଇ କଂଗ୍ରେସ ଦୁଇ ଦିନ ହେଲା ପ୍ରତିବାଦ କରିଆସୁଛି । ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି । ଗୃହରେ ଅଶାଳୀନ ମନ୍ତବ୍ୟ ପାଇଁ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କ୍ଷମା ମାଗନ୍ତୁ ଓ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇବା ଦାବିରେ ଯୁବ କଂଗ୍ରେସ ହୁଙ୍କାର ଦେଇଛି ।ମୁଖ୍ୟମନ୍ତ୍ରୀ ମହିଳା ନିର୍ଯ୍ୟାତନା ପ୍ରସଙ୍ଗରେ ଗୃହରେ ବିବୃତି ରଖିବା ଦାବିରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି । ଏଥିସହିତ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନିଲମ୍ବନ ଉଠାଇବାକୁ ଦାବି ରଖିଲା କଂଗ୍ରେସ। ଯୁବ କଂଗ୍ରେସର ଶତାଧିକ ନେତା ଓ କାର୍ଯ୍ୟକର୍ତ୍ତା। ଭୁବନେଶ୍ୱର କ୍ଲବ ନିକଟରୁ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀ ବାସଭବନ ଘେରାଉ କରିଛନ୍ତି।

## ବିଧାନସଭାରେ ପୋଲାଭରମ ପ୍ରସଙ୍ଗ ଉଠାଇଲା ବିଜେଡି, ପ୍ରଶ୍ନକାଳ ବୟକଟ୍ କଲା କଂଗ୍ରେସ

ଭୁବନେଶ୍ୱର, ୧୩।୩(ପି.ଏନ): ପ୍ରଶ୍ନ ଉତ୍ତର ଆରମ୍ଭରୁ ପୋଲାଭରମ ପ୍ରସଙ୍ଗରେ ବିଜେଡିର ପ୍ରତିବାଦ। ଗୃହ ମଧ୍ୟ ଭାଗରେ ହଟ୍ଟଗୋଳ। ଏହି ପ୍ରସଙ୍ଗରେ ଆଲୋଚ଼ନା ପାଇଁ ମୂଳତବି ପ୍ରସ୍ତାବ ଦେଇଥିଲା ବିଜେଡି। ଯାହାକୁ ମାନି ନଥିଲେ ବାଚ଼ସ୍ପତି। ଆଲୋଚ଼ନା ଦାବିରେ ବିଜେଡି ପ୍ରତିବାଦ କରୁଛି ।ହଟ୍ଟଗୋଳ ମଧ୍ୟରେ ଗୃହ ବାରମ୍ବାର ମୁଲତବି ଘୋଷଣା କରିଥିଲେ ବାଚ଼ସ୍ପତି। ଆଜି ପୋଲାଭରମ ନେଇ ବିଜେଡି ମୁଲତବି ପ୍ରସ୍ତାବ ଦେଇଥିଲା। ଗୋଦାବରୀ ନଦୀ ଉପରେ ଆନ୍ଧ୍ର ପ୍ରଦେଶ ଏହା ନିର୍ମାଣ କରୁଛି। ଆଦିବାସୀ ପରିବାର ବୁଡିବାକୁ ଯାଉଛି। ଦୁର୍ଭାଗ୍ୟ ବାଚ଼ସ୍ପତି ଏହାକୁ ଗ୍ରହଣ କଲେନି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଚ଼ାଲିଛି ।ଓଡ଼ିଶା ସ୍ୱାର୍ଥ ରକ୍ଷାରେ ଅସମର୍ଥ ଡବଲ ଇଂଜିନ ସରକାର ବୋଲି କହିଛି ବିଜେଡି। କେନ୍ଦ୍ର ଆଗରେ ଆତ୍ମସମର୍ପଣ କରି ଦେଇଛନ୍ତି। ସେମାନଙ୍କ ସାହସ ନାହିଁ ଆନ୍ଧ୍ର ସମ୍ପର୍କରେ କହିବାକୁ। ବାଚ଼ସ୍ପତି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଭାବିତ ହୋଇ ଆଲୋଚ଼ନା ପାଇଁ ଅନୁମତି ଦେଉ ନାହାନ୍ତି। ଆଲୋଚ଼ନାର ସୁଯୋଗ ନ ମଳିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିଛି ବିଜେଡି ।ସେହିପରି ଅନ୍ୟତମ ବିଜେଡି ସଦସ୍ୟ ଅରୁଣ ସାହୁ କହିଛନ୍ତି, ବିଜେପି ଓଡ଼ିଶା ଅସ୍ମିତାକୁ ଆଘାତ ଦେଇଛି । ଆଦିବାସୀ ବିସ୍ଥାପିତ ହେବେ । ବର୍ଷା ଦିନ ଆସିବ ବୋଲି କାମ ଜୋରସୋରରେ ଚ଼ାଲିଲାଣି । ଓଡ଼ିଶା ସରକାର ଏ ନେଇ କଥା ହେବାକୁ କହିଥିଲେ ହେଲେ ଏଯାଏଁ ଆଲୋଚ଼ନା କଲେନି । ମୁଲତବି ପ୍ରସ୍ତାବ ଗ୍ରହଣ ନ କରି କହିଲେ ମାମଲା ବିଚ଼ାରାଧୀନ ଅଛି । ତେବେ ସେ କି ପ୍ରକାର ବିଚ଼ାରାଧୀନ ବୋଲି ପ୍ରଶ୍ନ କରିଛନ୍ତି ଅରୁଣ । ଯେଉଁଠି କେନ୍ଦ୍ର ସରକାର ୧୬ ହଜାର କୋଟି ଦେଲେ ଓ କାମ ଜୋରସୋରରେ ଚ଼ାଲିଛି । ରାଜ୍ୟ ସରକାରଙ୍କ ସାହସ ନାହିଁ । ଆନ୍ଧ୍ର ପିଟି ଚ଼ାଲିଛି ଓ ପ୍ରକଳ୍ପର ଉଚ୍ଚ଼ତା ବଢ଼ାଇ ଚ଼ାଲିଛି । ଇଞ୍ଚ ? ମାଟି ଦେବୁନି କହୁଛନ୍ତି ସରକାର ହେଲେ ମାମଲା ବିଚ଼ାରାଧୀନ ବୋଲି କହି ଭୁଆଁ ବୁଲାଉଛନ୍ତି ବୋଲି ସମାଲୋଚ଼ନା କରିଛନ୍ତି ଅରୁଣ । ଓଡ଼ିଶା ରାଜ୍ୟପାଳ ବି ଆନ୍ଧ୍ରର । ଘରେ ନିଆଁ ଲାଗିବା ବେଳେ କଣ ନିଆଁ ନ ଲିଭାଇ କହିବା ବିଚ଼ାରାଧୀନ ଅଛି । ଆଉ ନିଆଁ ଲିଭାଇବା ନାହିଁ । ମାଲକାନଗିରିରେ ଓଡ଼ିଆ ଅସ୍ମିତା ବିପଦଗ୍ରସ୍ତ । ସାହସ ଅଛି ତ ଆଲୋଚ଼ନା କର । ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ କି ? ଡବଲ ଇଂଜିନ ଡବଲ ଧୋକା । ଦୋମୁହାଁ କଥା ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ । ଅନ୍ୟପଟେ ପ୍ରଶ୍ନକାଳକୁ ବୟକଟ କରିଛି କଂଗ୍ରେସ। ତାରା ବାହିନୀପତିଙ୍କ ଉପର ନିଲମ୍ବନ ହଟେଇବା ଦାବିରେ କଂଗ୍ରେସ ବିଧାୟକଙ୍କ ଧାରଣା ଦେଇଛନ୍ତି। ହାତରେ କଳାପଟି ବାନ୍ଧି କଂଗ୍ରେସ ବିଧାୟକ ମାନେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଛନ୍ତି।









# ଉର୍ବଶୀ-ନନ୍ଦମୁରୀଙ୍କ ନୃତ୍ୟକୁ ନାପସନ୍ଦ



ତେଲୁଗୁ ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ବିଭିନ୍ନ କାରଣ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ବେଳେବେଳେ ତାଙ୍କ ଚଳଚ୍ଚିତ୍ର ଏବଂ ବେଳେବେଳେ ଅନ୍ୟ କାରଣ ପାଇଁ ସେ ଲାଇମ୍ ଲାଇଟକୁ ଆସନ୍ତି। ଗତବର୍ଷ ସୋସିଆଲ ମିଡିଆରେ ଅଭିନେତାଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ଜଣେ ଅଭିନେତ୍ରୀଙ୍କୁ ଠେଲି ଦେଉଥିବା ଦେଖାଯାଇଥିଲା। ଏହି ଭିଡିଓ ସାମ୍ନାକୁ ଆସିବା ପରେ ତାଙ୍କୁ ସୋସିଆଲ ମିଡିଆରେ ବହୁତ ଟ୍ରୋଲ କରାଯାଇଥିଲା। ଏବେ ତାଙ୍କ ଆଗାମୀ ଫିଲ୍ମର ଏକ ଗୀତକୁ ନେଇ ଟ୍ରୋଲ ହେଉଛନ୍ତି ନନ୍ଦମୁରୀ। ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ଓ ଅଭିନେତ୍ରୀ ଉର୍ବଶୀ ରାଉତେଲା ଫିଲ୍ମ ଡାକୁ ମହାରାଜରେ ଏକାଠି ନଜର ଆସିବେ। ଏହି ଫିଲ୍ମର ଏକ ଗୀତ ଦାବିଡି ଦିବିଡ଼ି ରିଲିଜ୍ ହୋଇଥି?ବା ବେଳେ ଏହାର କୋରିଓଗ୍ରାଫି କାହାକୁ ପସନ୍ଦ ଆସିନାହିଁ। ଉର୍ବଶୀଙ୍କ ସହିତ ନନ୍ଦମୁରୀଙ୍କର ଯେଉଁ ସବୁ ଡ୍ୟାନ୍ସ ଷ୍ଟେପ ରହିଛି ତାହା ଲୋକଙ୍କୁ ପସନ୍ଦ ଆସିନାହିଁ। ଭିଡିଓ ସାମ୍ନାକୁ ଆସିବା ପରେ ଏତେ ବୟସ୍କ ହୋଇ ନନ୍ଦମୁରୀ କିଭଳି ନିଜ ଝିଅ ବୟସର ଅଭିନେତ୍ରୀଙ୍କ ସହ ଏଭଳି ନାଚିପାରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହା ସହ କିଛି ଲୋକ ଏହାକୁ ଆଶ୍ଳୀଳ ବୋଲି ମଧ୍ୟ କହିଛନ୍ତି।

## ରୋଜଗାରରେ ବାଧକ ନ ହୁଅ : ଶାହରୁଖ୍

ପୁରୁଣା ଭିଡିଓକୁ ନେଇ ବିବାଦରେ ବଲିଉଡର କିଙ୍ଗ ଶାହରୁଖ ଖାନ୍। ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଶାହରୁଖଙ୍କ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ମୃଦୁ ପାନୀୟର ବିଜ୍ଞାପନ ଏବଂ ଧୂମପାନକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏବେ ଶାହରୁଖ ଚର୍ଚ୍ଚାକୁ ଆସିଛନ୍ତି। କିଛି ବର୍ଷ ତଳେ ମୃଦୁ ପାନୀୟ ବ୍ରାଣ୍ଡ କୋଲାର ବିଜ୍ଞାପନ କରୁଥିଲେ ଶାହରୁଖ। ଏହା ଦେହ ପାଇଁ ଭଲ ନୁହେଁ। ଏହାର ବିଜ୍ଞାପନ କରନ୍ତୁ ନାହିଁ ବୋଲି ଅନୁରୋଧ କରାଯିବା ପରେ ଶାହରୁଖ କହିଥିଲେ, 'ମୁଁ ଅଧିକାରୀଙ୍କୁ ଅନୁରୋଧ କରିବି ଯେ, ଯଦି ଏହା ଏତେ ଖରାପ ତେବେ ଏହା ଉପରେ ପ୍ରତିବନ୍ଧକ ଲଗାଅ। ଏହାକୁ ଦେଶରେ ବିକ୍ରି ହେବାକୁ ଦିଅ ନାହିଁ। ସିଗାରେଟ ଯଦି ଦେହ ପାଇଁ ଖରାପ ବୋଲି ଭାବୁଛ, ତେବେ ଏହାର ତିଆରି ଓ ବିକ୍ରି ଭାରତରେ ବନ୍ଦ କରିଦିଅ। କିନ୍ତୁ କେହି ବି ଏହା କରିବେ ନାହିଁ। କାରଣ ଏସବୁ ଜିନିଷ ସେମାନଙ୍କୁ ଟଙ୍କା ଦେଉଛି। କୌଣସି ପ୍ରଡକ୍ଟ ହାନିକାରଣ ବୋଲି ଜାଣି ମଧ୍ୟ ଏହା ଉପରେ ସରକାର ପ୍ରତିବନ୍ଧକ ଲଗାଉନାହାନ୍ତି, କାରଣ ଏହା ତାଙ୍କୁ ଅଧିକ ଟଙ୍କା ଯୋଗାଉଛି। ତେଣୁ ମୋର ରୋଜଗାର ବନ୍ଦ କରନାହିଁ। ମୁଁ ଜଣେ ଅଭିନେତା। ମୁଁ ମୋ ନିଜ କାମ କରି ଟଙ୍କା ରୋଜଗାର କରୁଛି। ଏଥିରେ ଭୁଲ କେଉଁଠି ରହିଲା। '

# ପଖାଳ ପ୍ରିୟ ପ୍ରଭୁ ଜଗନ୍ନାଥ





ଓଡ଼ିଆରେ ଗୋଟିଏ କଥା ଅଛି- "ଶାଗଖିଆକୁ ପେଜପିଆ ସହିପାରେ ନାହିଁ।" ଏହାର ଅର୍ଥ- ଯିଏ ପେଜ ପିଇ ଜୀବନ ବଞ୍ଚୁଥାଏ, ଅର୍ଥାତ୍ ଅତି ଗରିବ, ସିଏ ଶାଗ-ପଖାଳ ଖାଇ ବଞ୍ଚୁଥିବା ଗରିବ ଲୋକଟିକୁ ଈର୍ଷା କରେ। କିନ୍ତୁ ଏଇ ପେଜ ଓ ପଖାଳ ଏ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସହ ଯୋଡ଼ିହୋଇ ଏହାକୁ ଗୌରବ ଦେଇଛି। ଭକ୍ତ ଦାସିଆ ଉପାଖ୍ୟାନ ଏହାର ଏକ ଉଦାହରଣ। ଏ ଉପାଖ୍ୟାନ ରାମ ଦାସ ବିରଚିତ 'ଦାର୍ଢ୍ୟତା ଭକ୍ତି'ରେ ଅଛି। ଶ୍ରୀକ୍ଷେତ୍ର ପୁରୀଠାରୁ ଦୁଇ କୋଶ ଦୂର ବାଲିଗ୍ରାମ ବା 'ବାଲିଗାଁ'ରେ ଦାସିଆ ବାଉରିର ଘର। ସେ ଜାତିରେ ତନ୍ତୀଫ। ସେମାନେ ଥିଲେ ସ୍ୱାମୀ-ସ୍ତ୍ରୀ ଦୁଇ ପ୍ରାଣୀ। ତାଙ୍କର ପିଲାପିଲି ନଥିଲେ। ଦାସିଆ ପାପ-ପୁଣ୍ୟ କ'ଣ ଜାଣି ନ ଥିଲା। ବାଲିଗାଁର ବ୍ରାହ୍ମଣଙ୍କ ଘରେ ବ୍ରତ ଉତ୍ସବ ଆଦିରେ ନାମ ଗାୟନ ହୁଏ। ତାହା ଦାସିଆକୁ ଭଲ ଲାଗେ। ଏହିପରି ନାମ ଗାୟନ ଶୁଣୁଶୁଣୁ ତା' ଭିତରେ ଦିବ୍ୟଜ୍ଞାନର ଉଦୟ ହେଲା। ସୁଜନଙ୍କ ପାଖରେ ବସିଲେ ତାର ମନ ଆନନ୍ଦ ହେଲା। କ୍ରମେ ପାପ କ'ଣ, ପୁଣ୍ୟ କ'ଣ ତାହା ବି ସେ ବୁଝିଲା। ଯେଉଁଦିନ ଯାହା ମିଳେ ସେ ସୁଖରେ ଖାଏ। ସୁଖ-ଦୁଃଖକୁ ସମାନ ମଣେ। ସବୁବର୍ଷ ପରି ସେ ବର୍ଷ ଗୁଣ୍ଡିଚାଯାତ୍ରା ଆସିଲା। ଦାସିଆ ପୁରୀ ଯାଇ ରଥରେ ଜଗନ୍ନାଥଙ୍କୁ ଦର୍ଶନ କଲା। ଦାସିଆ ଘରକୁ ଫେରିଲା। ତା' ସ୍ତ୍ରୀ ରଙ୍ଗହାଣ୍ଡିରେ ରାନ୍ଧିଥିବା ପେଜମିଶା ଭାତ ବା ଜାଉ ଆଣି ତା' ଆଗରେ ଥୋଇଦେଲା। ମଝିରେ ଥିଲା ମେଞ୍ଚାଏ ଶାଗଭଜା। ତାହା ଦେଖି ଦାସିଆ ମନରେ ଭାବାନ୍ତର ହେଲା। ଭାତ ଥାଳି ଭକ୍ତ ଦାସିଆକୁ ଜଗନ୍ନାଥ ପରି ଦେଖାଗଲା। ସେ ଆନନ୍ଦରେ ପ୍ରଭୁଙ୍କ ନାମ ନେଇ ନାଚି ଉଠିଲା। ପରେ ଦାସିଆ ପଠାଇଥିବା ତା' ବାରିର ନଡ଼ିଆ କିପରି ଜଗନ୍ନାଥ ନେଲେ, ତାହା ଭକ୍ତ ଓ ଭାବଗ୍ରାହୀଙ୍କ ସଂପର୍କର ଏକ ଅନୁପମ କିଂବଦନ୍ତି ଆମ ଓଡ଼ିଶାରେ ଗଢ଼ିଛି। ପେଜ ହେଉଛି ରନ୍ଧା ଭାତର ଫେଣ। ଭାତ ରାନ୍ଧିଲେ ଯେଉଁ ଫେଣମୟ ଜଳ ବାହାରେ ତାହା ପେଜ। ପେଜ ମଧ୍ୟ ଅନେକ ଅଞ୍ଚଳରେ ରନ୍ଧାଭାତକୁ ବୁଝାଏ। ସମ୍ବଲପୁର ଓ ଲରିଆ ଭାଷାରେ 'ପେଜ୍'ର ଅର୍ଥ ପଖାଳ। ତାତ୍ପର୍ଯ୍ୟପୂର୍ଣ୍ଣ ଏହି, ଯେ ଦାସିଆ ବାଉରିର ଏହି ପେଜ ବା ପଖାଳ ମଧ୍ୟ, ତା' ନଡ଼ିଆ ପରି, ଭକ୍ତ ଓ ଭାବଗ୍ରାହୀଙ୍କ କିଂବଦନ୍ତିର ଅଙ୍ଗ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭୋଗସାମଗ୍ରୀ ମଧ୍ୟରେ ଅନ୍ୟୂନ ପାଞ୍ଚ ପ୍ରକାରର ପଖାଳ ଭୋଗ ଶ୍ରୀଜଗନ୍ନାଥଙ୍କ ପଖାଳପ୍ରିୟତାର ନିଦର୍ଶନ ହୋଇଯାଇଛି। ମାର୍ଚ୍ଚ ୨୦, ବିଶ୍ୱ ପଖାଳ ଦିବସ ପାଳନ ଅବସରରେ, ଆମେ ଏହା ସତତ ସ୍ମରଣ କରିବା ଆବଶ୍ୟକ।

## ୨୦୨୫ରେ ପୃଥିବୀ ପାଇଁ ମାଡିଆସିବ ବିପଦ



ବିଶ୍ୱର ପ୍ରସିଦ୍ଧ ଭବିଷ୍ୟବକ୍ତା ବାବା ଭେଙ୍ଗା ୨୦୨୫ରେ ମନୁଷ୍ୟର ବିଲୁପ୍ତ ହେବାର ପୂର୍ବାନୁମାନ କରିଛନ୍ତି, ଯାହା ବର୍ତ୍ତମାନ ଚର୍ଚ୍ଚାରେ ଅଛି। ଅତୀତରେ ତାଙ୍କ ଦ୍ୱାରା କରାଯାଇଥିବା ଅନେକ ଭବିଷ୍ୟବାଣୀ ସତ୍ୟ ହୋଇଛି। ନୂଆ ବର୍ଷ ଆରମ୍ଭ ହୋଇଛି। ଜ୍ୟୋତିଷ ଏବଂ ବିଶେଷଜ୍ଞଙ୍କ ଅନୁଯାୟୀ, ନୂତନ ବର୍ଷ ୨୦୨୫ ବହୁତ ଭୟାନକ ହୋଇପାରେ। ନୂଆ ବର୍ଷରେ ମଣିଷର ବିଲୁପ୍ତ ହେବା ବିଷୟରେ ବାବା ଭେଙ୍ଗା କାହିଁକି କହିଥିଲେ ଆପଣ ଜାଣନ୍ତି କି?

୨୦୨୫ ପାଇଁ ବାବା ଭେଙ୍ଗାଙ୍କ ପୂର୍ବାନୁମାନ ଅନୁଯାୟୀ, ନୂତନ ବର୍ଷରେ ମଣିଷମାନଙ୍କ ପାଇଁ ଏକ ବଡ଼ ବିପଦ ହେବାକୁ ଯାଉଛି କିମ୍ବା ଅନ୍ୟ ଅର୍ଥରେ ସମସ୍ତେ ବିଲୁପ୍ତ ହୋଇପାରନ୍ତି । ତାଙ୍କ କହିବାନୁସାରେ, ଏହାର ମୁଖ୍ୟ କାରଣ ହେଉଛି ୟୁରୋପରେ ଏକ ଭୟଙ୍କର ଯୁଦ୍ଧ ଏବଂ ରାଜନୈତିକ ଅସ୍ଥିରତା, ଯାହା ଆଜି ଦୁନିଆର ପ୍ରତ୍ୟେକ ଦେଶରେ ବ୍ୟାପିଛି । ଜନସଂଖ୍ୟାରେ ଏକ ବିରାଟ ହ୍ରାସ ରେକର୍ଡ ହୋଇଛି। ବାବା ଭେଙ୍ଗାଙ୍କ ଅନୁଯାୟୀ, ୨୦୨୫ରେ ୧୦୦ ବର୍ଷ ପୁରୁଣା ବିପଜ୍ଜନକ ମହାମାରୀ ସମଗ୍ର ୟୁରୋପରେ ଫେରି ଆସିପାରେ, ଯେଉଁ କାରଣରୁ ଏହି ରୋଗ ସମଗ୍ର ବିଶ୍ୱରେ କରୋନା ପରି ବ୍ୟାପିପାରେ ଏବଂ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିପାରନ୍ତି। ସେଥିପାଇଁ ବାବା ଭେଙ୍ଗା ଦାବି କରିଛନ୍ତି ଯେ ବିନାଶର ଆରମ୍ଭ ଆଗାମୀ ବର୍ଷରେ ମଧ ହୋଇପାରେ।୧୯୯୬ରେ ତାଙ୍କ ମୃତ୍ୟୁ ପୂର୍ବରୁ, ବାବା ଭେଙ୍ଗା ୫୦୭୯ବର୍ଷ ପର୍ଯ୍ୟନ୍ତ ଭବିଷ୍ୟବାଣୀ କରିଯାଇଛନ୍ତି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ଅନେକ ଭବିଷ୍ୟବାଣୀ ସତ୍ୟ ହୋଇସାରିଛି ।

## ୨୬ବର୍ଷ ଚାକିରି ଜୀବନରେ ଗୋଟିଏ ଦିନ ନେଇଛନ୍ତି ଛୁଟି



ଉତ୍ତରପ୍ରଦେଶର ବିଜନୋର ବାସିନ୍ଦା ତେଜପାଲ ସିଂ ନିକଟରେ ଏକ ନିଆରା ରେକର୍ଡ କରିଛନ୍ତି। ତେଜପାଲଙ୍କ ରେକର୍ଡ ଚର୍ଚ୍ଚାର ପରିସରରେ ଥିବାବେଳେ ଏହା କେମିତି ସମ୍ଭବ ବୋଲି ଲୋକେ ପ୍ରଶ୍ନ କରି କହିଛନ୍ତି, କାରଣ ଛୁଟି ତ ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକତା ଥାଏ। ଏହି କ୍ରମରେ ଦେଖିବାକୁ ଗଲେ ୨୬ବର୍ଷ ଚାକିରିରେ ତେଜପାଲ ଗୋଟିଏ ଦିନ ଛୁଟି ନେବା କିଭଳି ଭାବେ କାମ କରିଛନ୍ତି। ତେଜପାଲ ସିଂ ଦୀର୍ଘ ୨୬ ବର୍ଷର ଚାକିରିରେ କେବଳ ଗୋଟିଏ ଦିନର ଛୁଟି ନେଇଛନ୍ତି। ଏହି ଅନନ୍ୟ ରେକର୍ଡ ପାଇଁ ତେଜପାଲ ସିଂ 'ଇଣ୍ଡିଆ ବୁକ ଅଫ ରେକର୍ଡସ'ରେ ସ୍ଥାନ ପାଇଛନ୍ତି। ୧୯୯୫ ମସିହାରେ ବିଜନୋରର ଦ୍ୱାରିକେଶ ସୁଗାର ଇଣ୍ଡଷ୍ଟ୍ରିଜ ଲିମିଟେଡରେ କାମ କରୁଥିବା ତେଜପାଲ ସିଂ ଏହି ଅନନ୍ୟା ରେକର୍ଡକୁ ନେଇ କହିଛନ୍ତି, ହୋଲି, ଦୀପାବଳି, ଦଶହରା, ଭାଇଦୁଜ୍ ଆଦି ପର୍ବକୁ ମିଶାଇ କମ୍ପାନି ମୋତେ ୪୫ ଦିନ ଛୁଟି ଦେଇଥାଏ। କାମକୁ ମୁଁ ପ୍ରଧାନ୍ୟ ଦେଉଥିବାରୁ ସବୁଦିନ ଅଫିସ ଆସିବା ମୋର ଅଭ୍ୟାସ ଓ ରୁଚିରେ ପରିଣତ ହୋଇଯାଇଥିଲା। ଯେମିତି ଆମେ ପାଣି ବିନା ବଞ୍ଚି ପାରିବା ନାହିଁ।ସେମିତି ମୁଁ ଅଫିସ ବିନା ଘରେ ଶାନ୍ତିରେ ରହି ପାରିବି ନାହିଁ। ଅଫିସ ଆସି ଦିନର ଯାହା କାମ ତାକୁ ଶେଷ କରିବା ପରେ ମୋତେ ଯାଇ ଶାନ୍ତି ମିଳିଥାଏ। ୨୬ବର୍ଷ ଧରି ଚାକିରି କରିବା ପରେ ସାନଭାଇ ବାହାଘର ପାଇଁ ଗୋଟିଏ ଦିନ ମୁଁ ବାଧ୍ୟ ହୋଇ ଛୁଟି ନେଇଥିଲି। ତେଜପାଲ ସିଂ ତାଙ୍କ ସାନ ଭାଇମାନଙ୍କ ସହିତ ପୁରା ପରିବାରରେ ରୁହନ୍ତି। ତେଜପାଲଙ୍କର ଦୁଇ ପୁଅ ଏବଂ ଦୁଇ ଝିଅ ଅଛନ୍ତି।

# ଲମ୍ବା ଓ ଘନ କେଶର ସୌନ୍ଦର୍ଯ୍ୟ ବଢାଏ ଅଁଳା ପାଣି



**ବର୍ତ୍ତମାନ ସମୟରେ କେଶ ଝଡ଼ିବା ସାଧାରଣ ହୋଇଗଲାଣି। ଏପରି ପରିସ୍ଥିତିରେ, କେଶକୁ ଲମ୍ବା ଏବଂ ଘନ କରିବା ପାଇଁ ଅଅଁଳା ପାଣି ବ୍ୟବହାର କରିପାରିବେ। ଏଥିରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଥାଏ, ଯାହା କେଶକୁ ଲମ୍ବା ଓ ଘନ କରିବାରେ ସାହାଯ୍ୟ କରେ। ଏଥି ସହ କେଶ ଅଧାରୁ ଛିଣ୍ଡିବା ଓ ଶୁଷ୍କତାକୁ ଦୂର କରି ମୂଳରୁ ଦୃଢ କରିଥାଏ। ତେବେ ଅଅଁଳା ପାଣି କିପରି ପ୍ରସ୍ତୁତ କରିବେ ଏବଂ ଏହାକୁ କେଶରେ ଲଗାଇବେ ଆସନ୍ତୁ ଜାଣିବା....**



ଏକ ଚାମଚ ରିଠା ପାଉଡରକୁ ଏକ ଚାମଚ ଅଅଁଳା ପାଉଡରରେ ମିଶାଇ ସେଥିରେ ପ୍ରାୟ ୧୦୦ ମିଲିଲିଟର ପାଣି ମିଶାନ୍ତୁ। ବିନା ରିଠା ପାଉଡରରେ ମଧ ଏହି ପାଣି ପ୍ରସ୍ତୁତ କରିପାରିବେ। ଏହି ପାଣିକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଲଗାନ୍ତୁ ଏବଂ ୪ରୁ ୫ ମିନିଟ୍ ପର୍ଯ୍ୟନ୍ତ ହାତରେ ଘଷନ୍ତୁ। ଏହା ପରେ କେଶକୁ ଭଲ ଭାବରେ ସଫା କରିଦିଅନ୍ତୁ।



ଅଅଁଳା ପାଣି ପ୍ରସ୍ତୁତ କରିବାର ଆଉ ଏକ ଉପାୟ ଅଛି। ଏଥିପାଇଁ ଅଅଁଳାକୁ ଛୋଟ ଛୋଟ ଖଣ୍ଡ କରି କାଟି ଏଥିରେ ପାଣି ମିଶାନ୍ତୁ। ଏହି ପାଣିକୁ କିଛି ସମୟ ଫୁଟାନ୍ତୁ। ପାଣି ଫୁଟିବା ପରେ ଏହାକୁ ଥଣ୍ଡା କରନ୍ତୁ। ଏହି ପାଣିକୁ କେଶ ଧୋଇବା ପାଇଁ ବ୍ୟବହାର କରିପାରିବେ। ଏହା କେଶକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ଲମ୍ବା ହେବାରେ ସାହାଯ୍ୟ କରେ। ଆମଳା ରସକୁ ଲେମ୍ବୁ ରସ ସହିତ ମିଶାଇ କେଶରେ ଲଗାଇ ପାରିବେ।

**ଯଦି ଆପଣ ରାତିରେ ନିଦ ନ ହେବା ସମସ୍ୟାରେ ପୀଡିତ ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ । ତେବେ ଏଥିପାଇଁ ଆପଣ ରାତିରେ ମେଡିସିନ୍ ଖାଇବା ପରିବର୍ତ୍ତେ ନିମ୍ନୋକ୍ତ ଘରୋଇ ଉପାୟ ଆପଣାନ୍ତୁ ।**

## ରାତିରେ ନିଦ ଆସୁନି କି, ଆପଣାନ୍ତୁ ୩ଟି ଉପାୟ

**ଶୋଇବା ପୂର୍ବରୁ କିଛି ଲେଖାପଢା କରନ୍ତୁ :** ଚିନ୍ତାରୁ ମୁକ୍ତ ରଖିବା ଓ ଶରୀରକୁ ଆରାମ ଦେବା ପାଇଁ କିଛି ଲେଖିବା ଠାରୁ ଭଲ ଉପାୟ ଆଉ କିଛି ନାହିଁ । ଆପଣ ରାତିରେ ଶୋଇବା ପୂର୍ବରୁ ଯଦି ନିଜ ଡାଏରୀରରେ ସବୁ କିଛି ଲେଖି ରଖିବେ ତେବେ ଆପଣଙ୍କ ମନରୁ ଅଧିକାଂଶ ଚିନ୍ତା ଦୂରେଇଯିବ ଓ ଭଲ ନିଦ ବି ହେବ ।

**ଶୋଇବାର ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ:** ରାତିରେ ହାଲ୍କା ଖାଦ୍ୟ ଖାଆନ୍ତୁ ଓ ଶୋଇବାର ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ । ରାତିରେ ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯେଉଁଥିରେ ଚିନି, ପ୍ରସେସଡ୍ କାର୍ବୋହାଇଡ୍ରେଡ୍, ଫ୍ୟାଟ୍ ଓ କ୍ୟାଫିନବାଲା ଖାଦ୍ୟପଦାର୍ଥ ସାମିଲ ରହିଛି । ଶୋଇବା ପୂର୍ବରୁ କ୍ଷୀର ଓ କଦଳୀ ଖାଇବା ଦ୍ୱାରା ଆପଣଙ୍କୁ ଶୀଘ୍ର ନିଦ ଆସିବାରେ ସହାୟକ ହୋଇଥାଏ ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୧୪

# ଆଲୋ ସଖି ଆପଣା ମହତ ଆପେ ରଖି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗଣତନ୍ତ୍ରରେ ପବିତ୍ର ମନ୍ଦିର ପାର୍ଲିଆମେଂଟ କିମ୍ବା ବିଧାନସଭାରେ ହଟ୍ଟଗୋଳ, ଶାସକ-ବିରୋଧିଙ୍କ ମଧ୍ୟରେ ହାତାହାତି, ମାଇକ ଭଙ୍ଗା ଘଟଣାରେ ବିସ୍ମିତ ହେବାର ନାହିଁ କି ଏଭଳି ଘଟଣା ନୂଆ ନୁହେଁ। ଗଣତନ୍ତ୍ରର ପବିତ୍ର ଗୃହରେ ହଟ୍ଟଗୋଳ ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ଓଡିଶା ବିଧାନସଭାରେ ଅଧିବେଶନ ସମୟରେ ହଟ୍ଟଗୋଳ ସବୁଦିନ ପ୍ରାୟତଃ ଦେଖାଯାଇଥିବାବେଳେ ଗୃହର ଦୁଇ ବରିଷ୍ଠ ସଦସ୍ୟ ତଥା ପାଂଚ ପାଂଚ ଥରର ବିଧାୟକଙ୍କ ମଧ୍ୟରେ ହାତାହାତି ଘଟଣା ଗଣତନ୍ତ୍ର ପବିତ୍ର ଗୃହରେ କେବଳ ମର୍ଯ୍ୟାଦା ହାନି କରିନାହିଁ, ଏକ କଳାଦାଗ ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଏଡି ଘଟଣାରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗରେ ବାଚସ୍ପତି ସାତ ଦିନ ପାଇଁ ବିରୋଧି ଦଳର ବରିଷ୍ଠ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରିଛନ୍ତି। ଗୃହରେ ବାଚସ୍ପତିଙ୍କ ରୁଲିଂ ବା ନିଷ୍ପତି ଚୂଡାନ୍ତ। ବାଚସ୍ପତିଙ୍କ ନିଷ୍ପତି ପକ୍ଷପାତିତା ବୋଲି ଅଭିଯୋଗ କରି ବିରୋଧି ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିବାବେଳେ କଂଗ୍ରେସ ସଦସ୍ୟମାନେ ଗୃହକୁ ବର୍ଜନ କରିବା ନେଇ ଘୋଷଣା କରିଛନ୍ତି। ଏହା ସତ୍ୟ ଯେ, ବିଧାନସଭା ହେଉଛି ଆଲୋଚନା କ୍ଷେତ୍ର। ରଣକ୍ଷେତ୍ର ନୁହେଁ। ମାତ୍ର ଏବେ କଥା କଥାକେ ବିରୋଧି ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହଟ୍ଟଗୋଳ କରିବା ଏବଂ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବିଧାନସଭା ହେଉ ବା ପାର୍ଲିଆମେଂଟ ହେଉ, ବାରମ୍ବାର ହଟ୍ଟଗୋଳ ନେଇ ସ୍ୱର୍ଗତ ରାଷ୍ଟ୍ରପତି ଗଭୀର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଗଣତନ୍ତ୍ରର ପବିତ୍ର ମନ୍ଦିର ରଣକ୍ଷେତ୍ର ନୁହେଁ, ଆଲୋଚନାର କ୍ଷେତ୍ର ବୋଲି କହିଥିଲେ। ମାନ୍ୟବର ସଦସ୍ୟମାନଙ୍କ ବିଶୃଙ୍ଖଳିତ ଆଚରଣ କେବଳ ପାର୍ଲିଆମେଂଟ କି ବିଧାନସଭା କିମ୍ବା ଲୋକ ପ୍ରତିନିଧିମାନଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରେ ନାହିଁ। ଜନସାଧାରଣଙ୍କୁ ନିରାଶ କରୁଛି। ସେମାନଙ୍କୁ ନିର୍ବାଚିତ କରିଥିବା ଭୋଟଦାତା ସେମାନଙ୍କ ଠାରୁ ବହୁତ କିଛି ଆଶା ରଖିଥାନ୍ତି। ଏହା ନିସନ୍ଦେହ ଯେ, ରାଜ୍ୟ ବହୁ ସମସ୍ୟାର ସମ୍ମୁଖୀନ। ଦରଦାମ ବୃଦ୍ଧି, ଆଇନଶୃଙ୍ଖଳା ପରିସ୍ଥିତି, ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ, ଚାଷୀ ଉତ୍ପାଦିତ ସାମଗ୍ରୀର ଅଭାବୀ ବିକ୍ରି, ନାରୀ ନିର୍ଯ୍ୟାତନା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଓ ଏହାର ସମାଧାନର ଆବଶ୍ୟକତା ରହିଛି। ସେହିପରି ସରକାର ବିଧାନସଭା ନିକଟରେ ଉତରଦାୟୀ ରହିଥିବାରୁ ସରକାର ଉତର ଦେବା ଆବଶ୍ୟକ। କିନ୍ତୁ ସେସବୁ ହୋଇ କେବଳ ହଟ୍ଟଗୋଳ ମଧ୍ୟରେ ଅଧିବେଶନ ଶେଷ ହେଉଛି। ଏପରିକି ଗୋଟିଏ ଗୋଟିଏ ଅଧିବେଶନ ହଟ୍ଟଗୋଳ ଯୋଗୁଁ ସମ୍ପୂର୍ଣ୍ଣ ଧୋଇ ହୋଇ ଯାଇଥିବା ନଜୀର ରହିଛି। ସେହିପରି ଅଧିବେଶନ ପୂର୍ବ ସ୍ଥିରିକୃତ ଦିବସ ପୂର୍ବରୁ ଅଧାରୁ ଶେଷ ହୋଇଯିବା ଏବେ ଏକ ପରମ୍ପରାରେ ପରିଣତ ହୋଇଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। କେବଳ ଏତିକି ନୁହେଁ, ହଟ୍ଟଗୋଳ ଯୋଗୁଁ ବିଧାନସଭାର ମୂଲ୍ୟବାନ ସମୟ ନଷ୍ଟ ହେବା ଯୋଗୁଁ କରଦାତାଙ୍କ ଅର୍ଥରେ ସମୃଦ୍ଧ ରାଜକୋଷରୁ କୋଟି କୋଟି ଟଙ୍କା ପାଣିରେ ପଡିବା ସାର ହେଉଛି। ବିଧାନସଭା ଅଧିବେଶନ ସମୟରେ ପ୍ରତି ମିନିଟ୍ ପାଇଁ ୨.୫ ଲକ୍ଷ ଟଙ୍କା ବ୍ୟୟ ହୋଇଥାଏ। ହଟ୍ଟଗୋଳ ଯୋଗୁଁ ଗୋଟିଏ ଦିନ ଅଧିବେଶନର ମୂଲ୍ୟବାନ ସମୟ ନଷ୍ଟ ହେଲେ ରାଜକୋଷରୁ କୋଟି କୋଟି ଟଙ୍କା ପାଣିରେ ପଡିଥାଏ। ମାନ୍ୟବର ଲୋକ ପ୍ରତିନିଧିମାନେ ଯଦି ଏଥିପ୍ରତି ସଚେତନ ଥାନ୍ତେ, ଜନତାଙ୍କ ଅର୍ଥରେ ସମୃଦ୍ଧ ରାଜକୋଷରୁ ଅର୍ଥ ଅପଚୟକୁ ପ୍ରଶ୍ରୟ ଦିଅନ୍ତେ ନାହିଁ କିମ୍ବା ଜନସାଧାରଣଙ୍କୁ ନିରାଶ କରନ୍ତେ ନାହିଁ। ଭୁଲିଯିବା ଉଚିତ ନୁହେଁ, ଭୋଟଦାତାଙ୍କ ଦ୍ୱାରା ସେମାନେ ୫ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ଏଭଳି ଆଚରଣ ପାଇଁ କିମ୍ବା କ୍ଷମତା ମୋହରେ ସ୍ୱେଚ୍ଛାଚାରୀତାକୁ ଜନସାଧାରଣ କ୍ଷମା ଦେବେ ନାହିଁ କଥାରେ ଅଛି 'ଆଲୋ ସଖି, ଆପଣା ମହତ ଆପେ ରଖି'।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ମୋବାଇଲ ନଂ-୭୯୭୮୬୬୬୪୦୩*

# ହୋଲି ସତର୍କତା

## ରାସାୟନିକ ରଙ୍ଗ ଠାରୁ ଦୂରେଇ ରୁହନ୍ତୁ



ଡାକ୍ତର କାନ୍ତୀ ନାୟକ

ହୋଲିର ଗହଳି ଭିତରେ ରଙ୍ଗ ବୋଳାବୋଳି ଆରମ୍ଭ ହୋଇଗଲାଣି। ରଙ୍ଗର ଏହି ପର୍ବରେ ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳିବା ପାଇଁ ଅନେକେ ଚାହିଁବସିଥାନ୍ତି। ସେଥିପାଇଁ ଅନେକେ ବଜାରରୁ ରଙ୍ଗ ଏବଂ ଫଗୁ କିଣିବାରେ ବ୍ୟସ୍ତ। ବଜାରରେ ବିଭିନ୍ନ କିସମର ରଙ୍ଗ ମିଳୁଛି। ଖାଲି ଆଖିକୁ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି, ଏହାସହ ପଟାସିୟମ ସଲଫେଟ ଓ ତୀବ୍ର ସିଲଭରର ଜେନେଟିକ୍ ରଙ୍ଗ ଆହୁରି ବିପଜ୍ଜନକ କରିଦିଏ ଏହାର ପ୍ରସ୍ତୁତିକୁ। ଏହା ପ୍ରଥମତଃ ଆତ୍ମନିର୍ଭରଶୀଳ ହେଉଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିକ୍ରିବଟାକୁ ପ୍ରୋତ୍ସାହିତ କରିବ, ଦ୍ୱିତୀୟତଃ ଏହାର ମୂଲ୍ୟ ବଜାରର ବାହାର ରଙ୍ଗ ତୁଳନାରେ ବହୁତ କମ୍। ସବୁଠାରୁ ବଡ଼କଥା ହେଉଛି ଏହା ଆମରି ଜଳବାୟୁର ପ୍ରାକୃତିକ ରଙ୍ଗରେ ହିଁ ପ୍ରସ୍ତୁତ ହୋଇଥାଏ। ଯେଉଁଥିରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ସମ୍ଭାବନା ରହିନଥାଏ। ପରିବେଶ ମଧ୍ୟ ପ୍ରଦୂଷିତ ହେବାର ସମ୍ଭାବନା ହିଁ ନଥାଏ। ବଜାରରେ ମିଳୁଥିବା କୃତ୍ରିମ ସବୁଜ ରଙ୍ଗରେ କପର ସଲ୍‌ଫେଟ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଥାଏ। ଏହାଛଡ଼ା ଏହି ରଙ୍ଗ ଆଂଶିକ ଭାବେ ଅନ୍ଧ କରିଦେଇଥାଏ। ରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଟ ରହିଛି। ଏଥିଯୋଗୁଁ କର୍କଟରୋଗ ହେବାର ସମ୍ଭାବନା ଅଧିକ। ହାଲ୍‌କା ବାଇଗଣୀ ରଙ୍ଗରେ କ୍ରୋମିୟମ୍ ମାତ୍ରାର ମିଶ୍ରଣ ରହିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ରହିଛି। ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁଁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଯାଇଥାଏ। ଆହୁରି ଗୋଟିଏ କଥା ଭଲଭାବେ ମନେ ରଖନ୍ତୁ ଆଜିକାଲି କିଛି ଚକ୍ ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡକାଚ ମିଶୁଛି ।

ସେହିପରି ରାସାୟନିକ ଅଭ୍ର ଓ ଉତ୍କଟ ପେଟ୍ରୋଲିୟମ ପ୍ରସ୍ତୁତିର ରଙ୍ଗ ମଧ୍ୟ ଆଜିକାଲି ରଙ୍ଗବଜାରରେ ଖୁବ୍ କମ ମୂଲ୍ୟରେ ମିଳୁଥିବାରୁ ଏହାର ଚାହିଦା ବଢୁଛି। ସେହିପରି ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ। ରଙ୍ଗବୋଳାର ଆଉ ଗୋଟିଏ ଦିଗ ପ୍ରତି ଟିକିଏ ଲେଖୁଛି। ଅନେକ ମହିଳାମାନେ ରଙ୍ଗ ଜନିତ ସମସ୍ୟା ନେଇ ପାର୍ଶ୍ୱପ୍ରତିକ୍ରିୟାକୁ ମଧ୍ୟ ସାମ୍ନା କରିଥାନ୍ତି। ତେଣୁ ରଙ୍ଗ କିଣିବା ସମୟରେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ। ସେହିପରି ମୁଣ୍ଡ ଧୋଇବା ସମୟରେ ସାବୁନ ରଙ୍ଗର ଫେଣ ପ୍ରାୟତଃ କାନରେ ପଶିଯାଏ। ଅବିର ବୋଳାବୋଳି ହେଲାବେଳେ ନାକ ଭିତରେ କିଛି ପରିମାଣ ନିଶ୍ୱାସରେ ହିଁ ଭିତରକୁ ଚାଲିଯାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ନାକ ଓ ଗଳାର ସଂକ୍ରମଣ ହେବା ସଙ୍ଗେ ସଙ୍ଗେ ଫୁସ୍‌ଫୁସ୍ ସଂକ୍ରମଣ ହୋଇ ଶ୍ୱାସପ୍ରକ୍ରିୟାରେ ବ୍ୟାଘାତ ଘଟେ। ଆସନ୍ତୁ ହୋଲିରେ ରାସାୟନିକ ରଙ୍ଗକୁ ଦୂରେଇ ପ୍ରାକୃତିକ ରଙ୍ଗ ବ୍ୟବହାର କରିବା।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

# ସ୍ମରଣୀୟ ହୋଲି ଗୀତ



ଅନୁପମା ଭୂୟାଁ

ହୋଲିର ରଙ୍ଗ ମାହୋଲ ଭିତରେ ଅନେକ ଚଳଚ୍ଚିତ୍ର ସ୍ମରଣକୁ ଆସୁଛି। ଫଗୁ ଓ ଫଗୁଣର ମହୋତ୍ସବ ପାର୍ବଣ ହୋଲି ସମସ୍ତଙ୍କ ଭିତରେ ଜୀବନ୍ତ ଓ ସ୍ମୃତି ବିଜଡ଼ିତ। ସିନେମା ଭିତରେ ଆମ ସାମ୍ନାକୁ ଯେଉଁ ହୋଲି ଗୀତର ଧୁନ୍ ଚିର ଅଭୁଲା ଓ ସ୍ମରଣୀୟ ସେଗୁଡ଼ିକ ହେଉଛି 'ଆନ' ଚଳଚ୍ଚିତ୍ରର ଖେଲୋ ରଙ୍ଗ୍ ହମାରେ ସଙ୍ଗ୍... : ବଲିଉଡର ପ୍ରଥମ ଟେକନିକଲର ଫିଲ୍ମ 'ଆନ୍'ରେ ଖଞ୍ଜା ଯାଇଥିଲା ରଙ୍ଗଭରା ହୋଲି ଗୀତ ଖେଲୋ ରଙ୍ଗ ହମାରେ ସଙ୍ଗ...। ଫିଲ୍ମଟି ୧୯୫୩ରେ ରିଲିଜ ହୋଇଥିଲା। ଏହା ହୁଏତ ପ୍ରଥମ ହୋଲି ଗୀତ ହୋଇନପାରେ, କିନ୍ତୁ ଏକ ସ୍ମରଣୀୟ ହୋଲି ଗୀତ। ଫିଲ୍ମର ନିର୍ଦ୍ଦେଶକ ଥିଲେ ନୌଶାଦ୍। ଶମଶାଦ ବେଗମ୍ ଓ ଲତା ମଙ୍ଗେସକର ଗାଇଥିବା ଏ ଗୀତରେ ଅଭିନୟ କରିଥିଲେ ଦିଲ୍ଲୀପ କୁମାର ଓ ମଙ୍ଗଲା। ସେହିପରି 'ମଦର ଇଣ୍ଡିଆ' ଚଳଚ୍ଚିତ୍ରର ହୋଲି ଆୟି ରେ କହ୍ନାଇ ହୋଲି ଆଇ ରେ..... : ଓସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଥମ ହିନ୍ଦୀ ଫିଲ୍ମ ମଦର ଇଣ୍ଡିଆ। ୧୯୫୮ରେ ରିଲିଜ ହୋଇଥିଲା। ଫିଲ୍ମରେ ଥିଲା ଏକ ଜମାଣିଆ ହୋଲି ଗୀତ ହୋଲି ଆୟି ରେ କହ୍ନାଇ ହୋଲି ଆଇରେ। ଏ ଗୀତରେ ଅଭିନୟ କରିଥିଲେ ନର୍ଗିସ ଓ ରାଜକୁମାର। କଣ୍ଠଦାନ କରିଥିଲେ ଲତା ମଙ୍ଗେସକର ଏବଂ ସମଶାଦ ବେଗମ। 'କଟିପତଙ୍ଗ'ର ଆଜ୍ ନା ଛୋଡେଙ୍ଗେ.... ବୁରା ମାତ୍ ମାନୋ, ଆଜ୍ ହୋଲି ହୈ : ୧୯୭୦ରେ ବଲିଉଡ ଫିଲ୍ମ କଟି ପତଙ୍ଗରେ ଥିଲା ଏଇ ମସ୍ତିଭରା ହୋଲି ଗୀତ ଆଜ୍‌ନା ଛୋଡେଙ୍ଗେ। ଏଥିରେ ଅଭିନୟ କରିଥିଲେ ସୁପରଷ୍ଟାର ରାଜେଶ ଖାନ୍ନା ଓ ଆଶା ପାରେଖ୍। କିଶୋର କୁମାର ଓ ଲତା ମଙ୍ଗେସ୍‌କର କଣ୍ଠଦାନ କରିଥିଲେ। 'ସୋଲେ'ର ହୋଲି କେ ଦିନ୍... : ବଲିଉଡ୍ ଇତିହାସର ସବୁଠାରୁ ସଫଳ ଓ ଶ୍ରେଷ୍ଠ ଫିଲ୍ମ ଭାବେ ସ୍ୱୀକୃତି ସୋଲେ ୧୯୭୫ରେ ରିଲିଜ୍ ହୋଇଥିଲା। ଏ ଫିଲ୍ମରେ ଥିଲା ଗୋଟିଏ ଚମତ୍କାର ହୋଲି ଗୀତ ହୋଲି କେ ଦିନ। ପରଦା ଉପରେ ହୋଲି ଖେଳି ବୀରୁ (ଧର୍ମେନ୍ଦ୍ର) ଓ ବସନ୍ତୀ (ହେମାମାଳିନୀ) ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୀତଟିକୁ ଗାଇଥିଲେ କିଶୋର କୁମାର ଓ ଲତା ମଙ୍ଗେସକର। 'ସିଲସିଲା'ର ରଙ୍ଗ ବରଷେ, ଭିଗେ ଚୁନରଓ୍ୱାଲି.. : ୧୯୮୧ରେ ରିଲିଜ ହୋଇଥିବା ସିଲ୍‌ସିଲାରେ ରଙ୍ଗ ବରଷେ, ଭିଗେ ଚୁନର ଓ୍ୱାଲି ନିଃସନ୍ଦେହରେ ବଲିଉଡର ସବୁଠାରୁ ଲୋକପ୍ରିୟ ହୋଲି ଗୀତ ମଧ୍ୟରୁ ଗୋଟିଏ। ଏ ଗୀତରେ ଅମିତାଭ ବଚ୍ଚନଙ୍କ ଭାଙ୍ଗ ଖିଆ ନୃତ୍ୟ ସହିତ ରେଖା, ସଂଜୀବ କୁମାର ଓ ଜୟା ଭାଦୁଡ଼ୀଙ୍କ ଅଭିନୟ ଦର୍ଶକଙ୍କ ମନରେ ଏବେ ବି ଛାପ ରହିଛି। ଅଭିତାଭ ନିଜେ ଗୀତଟି ଗାଇଥିଲେ। 'ଧନ୍‌ବାନ୍'ର ରଙ୍ଗ ଦି ରଙ୍ଗ ଦି : ୧୯୯୩ରେ ରିଲିଜ ହୋଇଥିବା ଧନବାନ ଫିଲ୍ମରେ ଥିଲା ହୋଲି ଗୀତ ରଙ୍ଗ ଦି ରଙ୍ଗ ଦି। ଅଭିନୟ କରିଥିଲେ ଅଜୟ ଦେବଗନ, ମନୀଷା କୋଇରାଲା ଏବଂ କରିସ୍ମା କପୂର। ଗୀତଟି ଗାଇଥିଲେ ସୁରେଶ ଓ୍ୱାଦେକର, କବିତା କୃଷ୍ଣମୂର୍ତ୍ତି ଓ ନିତିନ୍ ମୁକେଶ। 'ମୋହବତେଁ'ର ସୋନି ସୋନି ଆଖିୟୋଁ ଓ୍ୱାଲି : ୨୦୦୦ରେ ରିଲିଜ ହୋଇଥିବା ମୋହବତେଁ ଫିଲ୍ମର ସୋନି ସୋନି ଆଖିୟୋଁ ଓ୍ୱାଲି ବେଶ ଲୋକପ୍ରିୟ। ଏ ଗୀତର କଣ୍ଠଶିଳ୍ପୀଙ୍କ ତାଲିକା ବେଶ ଲମ୍ବା। ଇଶାନ, ଯଶପିନ୍ଦର ନରୁଲା, ମନୋହର ସେଟ୍ଟୀ, ଉଦିତ୍ ନାରାୟଣ ପ୍ରମୁଖ ଗୀତଟି ଗାଇଥିଲେ। ପରିଣତ ବୟସର ବାପାମାଆଙ୍କ ସମ୍ପର୍କ ପିଲାମାନଙ୍କ ଅବଦାନକୁ ନେଇ ପ୍ରଚୁର ଦର୍ଶକୀୟ ଆଦୃତି ପାଇଥିବା ଚଳଚ୍ଚିତ୍ର 'ବାଗବାନ'ର ହୋଲି ଖେଲେ ରଘୁବୀର : ୨୦୦୩ ମସିହାରେ ରିଲିଜ ହୋଇଥିଲା ବାଗବାନ। ଫିଲ୍ମରେ ଥିବା ହୋଲି ଖେଲେ ରଘୁବୀର ଗୀତରେ ଅଭିନୟ କରିଥିଲେ ବୟସ୍କ ଅମିତାଭ ଓ ହେମାମାଳିନୀ। ନିଜେ ଅମିତାଭ କଣ୍ଠଦାନ କରିଥିଲେ। ଅମିତାଭଙ୍କ ସହିତ ଗୀତଟିକୁ ଗାଇଥିଲେ ସୁଖବିନ୍ଦର ସିଂହ, ଅଳକା ଯାଜ୍ଞିକ୍ ଓ ଉଦିତ୍ ନାରାୟଣ। 'ଓ୍ୱକ୍ତ'ର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି : ୨୦୦୫ ମସିହାରେ ରିଲିଜ ହୋଇଥିବା ଓ୍ୱକ୍ତ ଦ ରେସ୍ ଏଗେନ୍‌ଷ୍ଟ ଟାଇମ୍ ଫିଲ୍ମର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି ଗୀତରେ ନୃତ୍ୟ କରିଥିଲେ ହିଟ ଯୋଡ଼ି ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରା। ଗୀତଟିକୁ ଗାଇଥିଲେ ଅନୁ ମଲ୍ଲିକ ଓ ସୁନିତ୍ ଚୌହାନ୍। 'ୟେ ଜୱାନୀ ହୈ ଦିୱାନୀ'ର ବାଲମ୍ ପିଚକାରୀ ତୁନେ ମୁଝେ ମାରି : ୨୦୧୩ରେ ରିଲିଜ ହୋଇଥିବା ୟେ ଜୱାନୀ ହୈ ଦିୱାନୀରେ ଏକ ମସ୍ତିଭରା ହୋଲି ଗୀତ ଥିଲା। ବାଲମ୍ ପିଚକାରି ତୁନେ ମୁଝେ ମାରି। ଗୀତରେ ନୈନା (ଦୀପିକା ପାଦୁ୍ୟକୋଣ), କବୀର (ରଣବୀର କପୂର) ଓ ଅଭି (ଆଦିତ୍ୟ ରୟ କପୂର) ରଙ୍ଗ ଖେଳରେ ମାତିଥିଲେ। ଗୀତଟି ଗାଇଥିଲେ ଶାଲମାଲି ଖୋଲ୍‌ଗାଡ଼େ ଓ ବିଶାଲ ଦାଦ୍‌ଲାନି। 'ଗୋଲିଓଁ କୀ କା ରାସ୍‌ଲୀଲା - ରାମଲୀଲା'ର ଲହୁ ମୁହଁ ଲଗ୍ ଗୟା : ୨୦୧୪ରେ ରିଲିଜ୍ ହୋଇଥିବା ସଞ୍ଜୟ ଲୀଲା ବଂଶାଲୀଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ ଗୋଲିଓଁ କୀ ରାସ୍‌ଲୀଲା : ରାମ ଲୀଲାରେ ଥିଲା ଏଇ ଭିନ୍ନ ସ୍ୱାଦର ହୋଲି ଗୀତ ଲହୁ ମୁହଁ ଲଗ୍ ଗୟା। ଫିଲ୍ମର ନାୟକ ନାୟିକା ଥିଲେ ରଣବୀର ସିଂହ ଓ ଦୀପିକା ପାଦୁ୍ୟକୋଣ। ଏଥିରେ କଣ୍ଠଦାନ କରିଥିଲେ ଶାହୀଲ। ବଲିଉଡରେ ହୋଲି ପାର୍ଟି : ଏକଦା ବଲିଉଡରେ ହୋଲି ପାର୍ଟିର ଆସର ଢ଼େର ଲୋକପ୍ରିୟତା ଅର୍ଜନ କରିଥିଲେ। କିମ୍ବଦନ୍ତୀ କଳାକାର ସ୍ୱର୍ଗତ ରାଜକୁମାରଙ୍କ ଦ୍ୱାରା ବିଲିଉଡରେ ବୋଧେ ପ୍ରଥମେ ହୋଲି ପାର୍ଟିର ଆୟୋଜିତ ହୋଇଥିଲା। ପ୍ରସିଦ୍ଧ ଆର୍‌କେ ଷ୍ଟୁଡିଓ ପରିସରରେ ହୋଲି ପାର୍ଟି ଆୟୋଜନ କରି ବଲିଉଡର ସବୁ କଳାକାର ଓ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଆମନ୍ତ୍ରଣ କରୁଥିଲେ। ବିଆର ଚୋପ୍ରାଙ୍କ ବଙ୍ଗଳାରେ ଆୟୋଜିତ ହୋଲି ପାର୍ଟି ବି ସେତେବେଳେ ବେଶ ଚର୍ଚ୍ଚାରେ ଥିଲା। ପରେ ଅମିତାଭ ବଚ୍ଚନ, ସୁଭାଷ ଘାଇ, ଜାଭେଦ ଅଖ୍‌ତାର, ସବାନା ଆଜ୍‌ମୀ, ଶାହରୁଖ ଖାନ୍ ହୋଲି ପାର୍ଟି ଆୟୋଜିତ କରୁଥିଲେ। ଏବେ ହୋଲି ପାର୍ଟି ପରମ୍ପରା ବନ୍ଦ ହେବାକୁ ବସିଲାଣି। କେତେ ଜଣ ତାରକା ବନ୍ଧୁମାନଙ୍କ ସହିତ ହୋଲି ପାଳୁଥିବାର ଦେଖାଯାଉଛି।

*'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ*

# ବିଶ୍ୱ ସମସ୍ୟା



ଅଲେଖ ଚନ୍ଦ୍ର ସାମଲ

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି? ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେଣ୍ଡା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

*ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍)*
*ଜୟପୁର ଡିଭିଜନ,*
*ଦୂରଭାଷ : ୯୪୩୭୨୫୭୧୨୩*

# ମନୁସ୍ମୃତି ମନୁବାଦ ଓ ମନୁ

ଗୋପାଳ ମହାପାତ୍ର

ଦେଶରେ ବର୍ଣ୍ଣ ଓ ଜାତି ବ୍ୟବସ୍ଥାକୁ ନେଇ ଅନେକ ସମୟରେ ହୋ ହଲ୍ଲା ଚାଲିଛି । ଏ ବ୍ୟବସ୍ଥାର ଜନକ ବୋଲି କୁହାଯାଇ ମନୁଙ୍କୁ ମଧ୍ୟ ନିନ୍ଦା କରାଯାଉଛି । ପ୍ରଶ୍ନ ଉଠେ ପ୍ରକୃତରେ କ'ଣ ମନୁବାଦ ଓ ମନୁସ୍ମୃତିର ପ୍ରଣେତା ମନୁ ? କଥା ହେଉଛି, ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିଶିଷ୍ଟତା ରହିଛି । ବିଶ୍ୱର ଅନ୍ୟସବୁ ସଭ୍ୟତା ତୁଳନାରେ ଭାରତରେ ବିଶେଷ ପ୍ରକାରର ସଂସ୍କୃତି ପ୍ରବାହମାନ । ଦାର୍ଶନିକ ସ୍ତରରେ ସମସ୍ତ ଜୀବ ଏବଂ ମନୁଷ୍ୟ ଏକ ପରମଶତ୍ତାଙ୍କ ଅଭିବ୍ୟକ୍ତି ଅଟନ୍ତି । କିନ୍ତୁ ସାମାଜିକ ବ୍ୟବହାରରେ ଜାତି ଆଧାରିତ ବିଭାଜନ ରହିଛି । ବର୍ଣ୍ଣବ୍ୟବସ୍ଥା (ଜାତି) ବହୁ ପୂର୍ବରୁ ରହିଛି । ତାହା ବସ୍ତୁତଃ ବ୍ୟବସାୟ ଅଥବା ଦୃଷ୍ଟିକୋଣ ଆଧାରିତ ବର୍ଗ ଥିଲା । ସମାଜର ଗୋଟିଏ ଗୋଷ୍ଠୀ ମନୁଙ୍କୁ ଜାତି ବ୍ୟବସ୍ଥାର ଜନକ ବୋଲି କହିଥାନ୍ତି । ଜାତିକୁ ନେଇ ରାଜନୀତି କରୁଥିବା ଲୋକେ ଏହାକୁ ମନୁବାଦ ବୋଲି ମଧ୍ୟ କହିଥାଆନ୍ତି । ଡଃ ବି.ଆର. ଆମ୍ବେଦକର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ନ୍ତଭାରତରେ ଜାତି ବ୍ୟବସ୍ଥାନ୍ତ ଶୀର୍ଷକ ଏକ ପ୍ରବନ୍ଧ ୧୯୧୬ ମସିହା ମଇ ମାସ ୯ ତାରିଖରେ ପାଠ କରିଥିଲେ । ତାଙ୍କ ପ୍ରବନ୍ଧରେ ଡଃ ଆମ୍ବେଦକର ମନୁଙ୍କୁ ଜାତି ବ୍ୟବସ୍ଥାର ଜନକ ବୋଲି ନ କହି କହିଥିଲେ ଯେ ନ୍ତମୁଁ ଆପଣମାନଙ୍କୁ ଗୋଟିଏ କଥା କହିବାକୁ ଚାହୁଁଛି ଯେ, ଜାତି ଧର୍ମର ନିୟମ ମନୁ ପ୍ରଦତ୍ତ ନୁହେଁ । ଜାତି ମନୁଙ୍କ ପୂର୍ବରୁ ଥିଲା ।ନ୍ତ ଡକ୍ଟର ଆମ୍ବେଦକର ସମ୍ଭବତଃ ମନୁ ସ୍ମୃତିର ରଚନାକାର କୁହାଯାଉଥିବା ମନୁଙ୍କ ବାବଦରେ ଏକଥା କହିଥିଲେ । ଡକ୍ଟର ଆମ୍ବେଦକରଙ୍କ କଥା ମଧ୍ୟ ସତ୍ୟ ଯେ, ଜାତି ବ୍ୟବସ୍ଥା ମନୁ ସ୍ମୃତିର ରଚନାକାଳ ପୂର୍ବରୁ ଥିଲା । ଋକ୍ ବେଦର ରଚନା କାଳରେ ଜାତି ବ୍ୟବସ୍ଥାର ବିକାଶ ହୋଇନଥିଲା । ଋକ୍ ବେଦରେ ଜନ୍ମକୁ ନେଇ ଓ କର୍ମକୁ ନେଇ ଜାତି ବିଭାଜନ କଥା ଉଲ୍ଲେଖ ନାହିଁ । କିନ୍ତୁ ଋକ୍ ବେଦରେ ମନୁଙ୍କ କଥା ଉଲ୍ଲେଖ ଅଛି । ଜନୈକ ମାର୍କ୍ସବାଦୀ ବିଚାରକଙ୍କ ଦ୍ୱାରା ଲିଖିତ ପୁସ୍ତକ ଇତିହାସ ଦର୍ଶନରେ ବିଚାରକ ଲେଖିଛନ୍ତି ଯେ, ନ୍ତଏହି ତଥ୍ୟ ଅତିବ ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ଋକୁ ବେଦରେ ମନୁଙ୍କ ନାମ ଏବଂ କାମ ବାବଦରେ ଉଲ୍ଲେଖ ରହିଛି ପରନ୍ତୁ ଜଳ ପ୍ରଳୟର ଉଲ୍ଲେଖ କିମ୍ବା ସେ ବାବଦରେ ସମ୍ୟକ ସୂଚନା ମଧ୍ୟ ନାହିଁ । ଏହି ତଥ୍ୟରୁ ସ୍ପଷ୍ଟ ଯେ, ଋକ୍ ବେଦର ମନୁ ଓ ପୁରାଣବର୍ଣ୍ଣିତ ମନୁ ଭିନ୍ନଭିନ୍ନ ଅଟନ୍ତି ।ନ୍ତ ମନୁ ପ୍ରାଚୀନ ଭାରତୀୟ ଇତିହାସ, ପୁରାଣ ଏବଂ ସଂସ୍କୃତିରେ ଅତୁଟ ପରମ୍ପରା । ଭାରତର ରାଷ୍ଟ୍ର ଜୀବନରେ ମନୁ ଆଶ୍ଚର୍ଯ୍ୟଜନକ ଜିଜ୍ଞାସା ଅଟନ୍ତି । ଜାତିବାଦୀ ରାଜନୀତି କରୁଥିବା ଲୋକେ ନିନ୍ଦା ବା ଗାଳି କରିଥାଆନ୍ତି ଏବଂ ତାଙ୍କୁ ବର୍ଣ୍ଣ ବ୍ୟବସ୍ଥାର ଜନ୍ମଦାତା ବୋଲି କହିଥାନ୍ତି । ଏହି ବ୍ୟସ୍ଥାର ଜନ୍ମଦାତା କିଏ ଏବଂ ଏହାର ଉଦ୍‌ଭବର ସମୟ ବାବଦରେ କେହି ବି ସଠିକ୍ ଭାବରେ କହିପାରିବେ ନାହିଁ । କିନ୍ତୁ ମନୁଙ୍କୁ ନିନ୍ଦା କରାଯାଉଛି । ତାଙ୍କ ନାମକୁ ନେଇ ମନୁବାଦର ଚର୍ଚ୍ଚା ଚାଲିଛି । ସବୁଠାରୁ ମୁଖ୍ୟ କଥା ହେଉଛି, ମନୁଙ୍କ ସପକ୍ଷରେ କେହିଜଣେ କୋହୁନାହାଁନ୍ତି କିମ୍ବା ତାଙ୍କର କେହି ପ୍ରଚାରକ ନାହାଁନ୍ତି । ସେ ଏକ ଜୀବନ୍ତ ନାୟକଙ୍କ ଭଳି ପ୍ରଶଂସା ଏବଂ ନିନ୍ଦା ଶୁଣିଚାଲିଛନ୍ତି ।

ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ବିବେଚନାରେ ମନୁ ଜଣେ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଅଟନ୍ତି । ମନୁକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଶ୍ନ ହେଉଛି, ମନୁ କ'ଣ ଆମ ପରି ଜଣେ ସାଧାରଣ ମନୁଷ୍ୟ ଥିଲେ ? ଉତ୍ତର ଯଦି ହଁ, ସେ କେବେ ଜନ୍ମ ନେଇଥିଲେ ? ସେ କିଏ ଥିଲେ ? କ'ଣ ମନୁସ୍ମୃତି ପୁସ୍ତକ ସେ ହିଁ ରଚନା କରିଥିଲେ । ମନୁସ୍ମୃତିର ଭାଷା ପରିଷ୍କାର ଏବଂ ବ୍ୟାକରଣ ସମ୍ମତ । ଏଣୁ ସ୍ପଷ୍ଟ ଯେ ବ୍ୟାକରଣର ବିକାଶ ପରେ ହିଁ ମନୁସ୍ମୃତି ରଚନା ହୋଇଛି । ଋକ୍ ବେଦର ଭାଷା ଓ ମନୁସ୍ମୃତିର ଭାଷା ମଧ୍ୟରେ ଭିନ୍ନତା ରହିଛି । ଋକ ବେଦରେ ମନୁଙ୍କୁ ଋଷିମାନଙ୍କ ମଧ୍ୟରେ ପ୍ରାଚୀନ ବା ପୁରାତନ ବୋଲି କୁହାଯାଇଛି । ଅର୍ଥାତ୍ ଋକ୍‌ବେଦ ସମୟର ଋଷିମାନଙ୍କଠାରୁ ମନୁ ପ୍ରାଚୀନ ଅଟନ୍ତି । ଋକ୍ ବେଦରେ ଇନ୍ଦ୍ରଙ୍କୁ ସ୍ତୁତି କରାଯାଇଛି । ଉଲ୍ଲେଖଅଛିଯେ, ନ୍ତପିତା ମନୁ, ଋଷି ଅଥର୍ବା ଏବଂ ଦବ୍ୟଙ୍ଗ ପ୍ରଥମେ ଇନ୍ଦ୍ରଙ୍କ ସ୍ତୁତିଗାନ କରିଥିଲେ ।ନ୍ତ ଋକ୍‌ବେଦରେ ମନୁଙ୍କୁ ପିତା ଭାବେ ସମ୍ବୋଧନ କରାଯାଇଛି । କିଛି ଦେବତାଙ୍କ ସ୍ତୁତିର ରଚନା ଋକ୍‌ବେଦ ପୂର୍ବରୁ ହୋଇଥିବାର ଜଣାପଡ଼େ । ମନୁ ଅଗ୍ରଜ ଏବଂ ପୂର୍ବଜ ଅଟନ୍ତି । ବୈଦିକ ସାହିତ୍ୟରେ ମନୁ ଯେ ଜାତିବାଦର ଜନ୍ମଦାତା ସେ ବାବଦରେ କୌଣସି ଉଲ୍ଲେଖ ନାହିଁ । ବର୍ଣ୍ଣ ଏବଂ ଜାତି ଦେବତାମାନେ ମଧ୍ୟ ଉଦ୍‌ଭବ କରିନାହାନ୍ତି । ମହାଭାରତ କାଳରେ କର୍ମର ବିଶିଷ୍ଟିକରଣ କାରଣରୁ ସମାଜରେ ବିଭାଜନ ସୃଷ୍ଟି ହୋଇଥିଲା । ସେବେଠାରୁ ବର୍ଣ୍ଣ ବା ବର୍ଗ ବ୍ୟବସ୍ଥିତ ହୋଇ ରହିଛି । ଏହା ଜନ୍ମନା ବା ଜନ୍ମରୁ ନୁହେଁ । ଜାତି ଏବଂ ବର୍ଗ ସାମାଜିକ ବିକାଶର ପରିଣାମ ଅଟେ । ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, ନ୍ତମୁଁ ଗୁଣ ଓ କର୍ମର ଆଧାରରେ ଚାରି ବର୍ଣ୍ଣ ସୃଷ୍ଟି କରିଛି ।ନ୍ତ ଏହାର ଅର୍ଥ ହେଉଛି ପୂର୍ବରୁ ବର୍ଣ୍ଣ ବା ଜାତି ନଥିଲା । ବର୍ଣ୍ଣ ବା ଜାତି ବ୍ୟବସ୍ଥା କୌଣସି ଈଶ୍ୱର ବା ଦେବତା ପ୍ରଦତ୍ତ ନୁହେଁ । ଦେବତା ବା ସର୍ବଶକ୍ତିମାନ ଯଦି ବର୍ଣ୍ଣ ବ୍ୟବସ୍ଥା ସୃଷ୍ଟି କରିଥାଆନ୍ତେ ତେବେ ଋକବେଦରେ ତାହା ଉଲ୍ଲେଖ ଥାଆନ୍ତା । ଗୀତାରେ ବର୍ଣ୍ଣ କଥା ଉଲ୍ଲେଖ ଅଛି, କିନ୍ତୁ ଏହା ଗୁଣ ଓ କର୍ମ ଆଧାରିତ। ଏହା ଜନ୍ମ ଆଧାରିତ ନୁହେଁ । ମନୁ ମଧ୍ୟ ବର୍ଣ୍ଣ ବ୍ୟବସ୍ତାର ସୃଷ୍ଟିକର୍ତ୍ତା ନୁହଁନ୍ତି । ଋକବେଦରେ ଋଷିକର୍ମର ପ୍ରଶଂସା କରାଯାଇଛି । ଅଶ୍ୱିନୀ ଦେବତା ହଳ ଚଳାଇଥିଲେ ବୋଲି ଉଲ୍ଲେଖ ଅଛି । ଏହାର ଉଦ୍ଦେଶ୍ୟ ସମୃଦ୍ଧି ଥିଲା । ଋକ୍‌ବେଦରେ ଉଲ୍ଲେଖ ରହିଛି ଅଶ୍ୱିନୀ ଦେବଗଣ ମନୁଙ୍କ ସମୃଦ୍ଧି ପାଇଁ ହଳ ଚଳାଉଥିଲେ । ଅଗ୍ନି ସହ ମନୁଷ୍ୟ ଜାତିର ପରିଚୟ ମଧ୍ୟ ପୁରୁଣା । ଅଗ୍ନିର ଉତ୍ପନ୍ନରୁ ସାରା ବିଶ୍ୱରେ ପରିବର୍ତ୍ତନ ହୋଇଥିଲା । ଅଗ୍ନି ବିଷୟରେ ମନୁଷ୍ୟ ଜାଣିଲା କେବେ ? ଏ ବାବଦରେ କୌଣସି ତଥ୍ୟ ନାହିଁ । କିନ୍ତୁ ଋକବେଦରେ ଉଲ୍ଲେଖ ରହିଛିଯେ, ଯଜ୍ଞ ପାଇଁ ମନୁ ଅଗ୍ନି ପ୍ରଜ୍ୱଳିତ କରିଥିଲେ । ଏଣୁ ମନୁ ଯେ ଜଣେ ସାଧାରଣ ବ୍ୟକ୍ତି ତାହା କହିବା ଠିକ୍ ହେବନାହିଁ । ମନୁଙ୍କ ବାବଦରେ ତୈତିରୀୟ ସଂହିତାରେ ମଧ୍ୟ ଉଲ୍ଲେଖ ରହିଛି । ଅନେକ ବୈଦିକ ସାହିତ୍ୟରେ ମନୁଙ୍କ ବାବଦରେ ଅନେକ କଥା ଲେଖାଅଛି, ହେଲେ ମନୁ ଜାତି ଓ ବର୍ଣ୍ଣର ସୃଷ୍ଟିକର୍ତ୍ତା ବୋଲି କୌଣସିଠାରେ ଉଲ୍ଲେଖନାହିଁ ।

ମନୁ ପ୍ରତିଷ୍ଠିତ ପୂର୍ବଜ ଥିଲେ । ଭାରତରତ୍ନ ଡକ୍ଟର ପି.ବି. କାଣେଙ୍କ ଲିଖିତ ଧର୍ମ ଶାସ୍ତ୍ରର ଇତିହାସରେ ସେ ଲେଖିଛନ୍ତି ଯେ, ନ୍ତମନୁସ୍ମୃତିର ପ୍ରଣୟନ କିଏ କରିଥିଲେନ୍ତ ଆଦି ପୂର୍ବଜ ମନୁ ଏହାର ରଚୟିତା ନୁହଁନ୍ତି । ମନୁ ସ୍ମୃତିର ବ୍ୟାକରଣ ପାଣିନୀ ସମ୍ମତ ଅଟେ । ଡକ୍ଟର କାଣେ ଲେଖିଛନ୍ତି ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ଅଥବା ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ମନୁସ୍ମୃତିର ରଚନା ହୋଇଥାଇପାରେ । ମନୁସ୍ମୃତିର କିଛି ଅଂଶକୁ ଆଧୁନିକ ସମାଜ ବିରୋଧ କରୁଛି । ଏହା ମଧ୍ୟ ଏକ ବାଧ୍ୟକାରୀ ସଂହିତା ନୁହେଁ । ମହାଭାରତର ଶାନ୍ତି ପର୍ବରେ ମନୁ ଏବଂ ଦେବଗୁରୁ ବୃହସ୍ପତିଙ୍କ ମଧ୍ୟରେ କଥୋପକଥନ କଥା ରହିଛି । ଉଲ୍ଲେଖ ରହିଛିଯେ, ବୃହସ୍ପତି ମନୁଙ୍କୁ ପ୍ରଣାମ କରି ତତ୍ତ୍ୱଜ୍ଞାନ କଥା ପଚାରିଥିଲେ । ମନୁ ସତ୍ୟ ଏବଂ ବ୍ରହ୍ମତତ୍ତ୍ୱର ବାଖ୍ୟା କରି ବୃହସ୍ପତିଙ୍କୁ ବୁଝାଇଥିଲେ । ଏଣୁ ମନୁଙ୍କ ପରି ପରମ ବିଦ୍ୱାନ ଜାତିବର୍ଣ୍ଣର ସୃଷ୍ଟିକର୍ତ୍ତା ହୋଇପାରିବେ କେମିତି ? ମନୁଙ୍କ ବାବଦରେ ଯାହାସବୁ ଉଲ୍ଲେଖ ରହିଛି ସେ ସବୁ ତଥ୍ୟ ମନୁଙ୍କୁ ବିରୋଧ କରୁଥିବା ଲୋକେ ଜାଣିବା ଉଚିତ୍ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ



ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିଳ୍ପ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତ୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତ୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନକୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦ୍ମ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ସଦସ୍ୟମାନଙ୍କ ଦ୍ୱାରା ଓଡ଼ିଶାରେ ମହିଳା ଏବଂ ଶିଶୁ କନ୍ୟାଙ୍କ ବିରୁଦ୍ଧରେ ବଢୁଥିବା ଅପରାଧ ବିରୁଦ୍ଧରେ ବୃଦ୍ଧି ପାଉଥିବା ଘଟଣାର ପ୍ରତିବାଦରେ ସ୍ମାରକପତ୍ର ପ୍ରଦାନ

ରାୟଗଡ଼ା,(ପି.ଏନ): ଜିଲ୍ଲା କଂଗ୍ରେସ ଦାବି ପତ୍ର ଅନୁଯାୟୀ, ବିଗତ ୮ ମାସ ମଧ୍ୟରେ ଏହି ରାଜ୍ୟରେ ବିଜେପି ସରକାରଙ୍କ ଶାସନ କାଳରେ, ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ବିଶେଷକରି ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ବହୁ ପରିମାଣରେ ବୃଦ୍ଧି ପାଇଛି। ବିଭିନ୍ନ ସୂତ୍ରରୁ ଉପଲବ୍ଧ ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୬୦୦ ମହିଳା ଦୁଷ୍କର୍ମ, ଅଭିଯୋଗ, ଅଭଦ୍ରତା, ବଳାତ୍କାର, ଗଣବଳାତ୍କାର ଏବଂ ହତ୍ୟା ଦ୍ୱାରା ନିର୍ଯାତିତ ହୋଇଛନ୍ତି। ରାଜ୍ୟର ବିଭିନ୍ନ ଥାନାରେ ଗତ ୮ ମାସରେ ୫୪ ବଳାତ୍କାର, ଗଣବଳାତ୍କାର ଏବଂ ହତ୍ୟା ମାମଲା ପଞ୍ଜିକୃତ ହୋଇଛି। ଏପରି ଅନେକ ଅଣପଞ୍ଜିକୃତ ମାମଲା ମଧ ଅଛି ଯାହା ଥାନାରେ ରିପୋର୍ଟ ହୋଇନାହିଁ। ସ୍ମାରକ ପତ୍ର ରେ କଂଗ୍ରେସ କମିଟି ସଦସ୍ୟ ଙ୍କ ଦ୍ୱାରା ଜିଲ୍ଲା ଗୁଡିକର ନାମ ଉଲେଖ କରାଯାଇଛି , ଯେଉଁଠାରେ ସାମ୍ପ୍ରତିକ ଅତୀତରେ ଏହି ପ୍ରକାରର ଜଘନ୍ୟ ଅପରାଧ ଘଟିଛି। ବାଲେଶ୍ୱରରେ ଜଣେ ୧୦ ବର୍ଷର ନାବାଳିକାକୁ ବଳାତ୍କାର ଏବଂ ହତ୍ୟା କରାଯାଇଛି, ଜଣେ ୬୫ ବର୍ଷର ବୃଦ୍ଧାଙ୍କୁ ବଳାତ୍କାର ଏବଂ ହତ୍ୟା କରାଯାଇଛି, ବାଲେଶ୍ୱର ଜିଲ୍ଲାର ସୋରୋରେ ଜଣେ ବିବାହିତ ମହିଳାଙ୍କୁ ବଳାତ୍କାର କରାଯାଇଛି, ବାଲେଶ୍ୱର ଜିଲ୍ଲାର ନୀଳଗିରି ବିଧାନସଭା ସେଗମେଣ୍ଟରେ ଦୁଇଜଣ ଆଦିବାସୀ ମହିଳାଙ୍କୁ ରଶି ସାହାଯ୍ୟରେ ଗଛରେ ବାନ୍ଧି ଜୋତାରେ ନିର୍ମମ ଭାବରେ ପିଟି ପିଟି ଲାଠି ମଧ ମାଡ଼ କରାଯାଇଛି। ନୀଳଗିରି ଘଟଣାରେ ହିନ୍ଦୁ ଜାଗରଣ ମଞ୍ଚର ସଦସ୍ୟମାନେ ସାମିଲ ଥିଲେ। ଢେଙ୍କାନାଳରେ ୭ ଜଣ ବ୍ୟକ୍ତି ଜଣେ ବିବାହିତ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଅନୁଗୁଳ ଜିଲ୍ଲାର ପାଲଲହଡାରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଏବଂ ହତ୍ୟା କରାଯାଇଥିଲା। ଧନୁ ଯାତ୍ରା ସମୟରେ ବରଗଡ଼ରେ ଜଣେ ଅବିବାହିତ ଆଦିବାସୀ ମହିଳାଙ୍କୁ ୪ ଦିନରୁ ଅଧିକ ସମୟ ଧରି ନିରନ୍ତର ଗଣଦୁଷ୍କର୍ମ କରାଯାଇଥିଲା। ଖଇରାପାଲିର ବୋଲାନଗିରିରେ ଜଣେ ୩୫ ବର୍ଷର ମହିଳାଙ୍କୁ ବଳାତ୍କାର କରାଯାଇଥିଲା। ଭଦ୍ରକ ଜିଲ୍ଲାର ବେତୋଡାରେ ଜଣେ ବିବାହିତ ମହିଳାଙ୍କୁ ବଳାତ୍କାର କରାଯାଇଥିଲା ଏବଂ ତାଙ୍କ ୭ ବର୍ଷର ନାବାଳିକା ଝିଅମାନଙ୍କୁ ହତ୍ୟା କରାଯାଇଥିଲା କାରଣ ସେ ଉକ୍ତ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ। ରାଉରକେଲାରେ ୪ ଜଣ ଲୋକ ଜଣେ ମହିଳାଙ୍କୁ ଚାରି ଦିନ ଧରି ଗଣଦୁଷ୍କର୍ମ କରିଥିଲେ, କଟକ ଜିଲ୍ଲାରେ ଏକ ଇଟା କାରଖାନାରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା, ପୁରୀ ଜିଲ୍ଲାର ପିପିଲିରେ ମଧ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଜନ୍ମଭୂମି ମୟୂରଭଞ୍ଜରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା।କେବଳ ଯେ କିଶୋରୀ ଅବସ୍ଥାରେ ପହଞ୍ଚିଥିବା ନାବାଳିକା ସ୍କୁଲ ଝିଅମାନଙ୍କୁ ବଳାତ୍କାର ଏବଂ ଗର୍ଭବତୀ କରାଯାଉଛି ତାହା ନୁହେଁ, ରାଜ୍ୟର ଅନେକ ଜିଲ୍ଲାରେ ବୃଦ୍ଧା ମହିଳାମାନଙ୍କୁ ବଳାତ୍କାର କରାଯାଇଛି। ଯାଜପୁରରେ ଜଣେ ମାଟ୍ରିକ୍ ପରୀକ୍ଷାର୍ଥୀ ଗର୍ଭବତୀ ଥିଲେ। ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାରେ ଜଣେ ମାଟ୍ରିକ୍ ପରୀକ୍ଷାର୍ଥୀ ଏକ ଆଦିବାସୀ ହଷ୍ଟେଲରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ତେଲକୋଇ, କେଉଁଝରରେ, ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିଲେ। ଚମ୍ପୁଆରେ ରାଜ୍ୟ ସରକାରଙ୍କ ଏସଟି ଏବଂ ଏସସି ବିକାଶ ବିଭାଗର କନ୍ୟା ଆଶ୍ରମର ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ସମ୍ପ୍ରତି ଗର୍ଭବତୀ ବୋଲି ଜଣାପଡିଥିଲା।ଏହି ସମସ୍ତ ଘଟଣାରେ ପରବର୍ତ୍ତୀ ଘଟଣାଗୁଡ଼ିକୁ ରୋକିବା ଏବଂ ପୀଡିତାଙ୍କୁ ସୁରକ୍ଷା ଦେବା ପାଇଁ ଦୋଷୀଙ୍କ ବିରୁଦ୍ଧରେ କୌଣସି କଠୋର ଏବଂ ପ୍ରତିରୋଧକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ,ସ୍କୁଲ ଝିଅମାନଙ୍କ ଯୌନ ଶୋଷଣ ଆମ ସଭ୍ୟ ସମାଜ ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ର ବୋଲି, ରାଜ୍ୟପାଳ ଙ୍କୁ ପ୍ରଶ୍ନ କରିଛନ୍ତି ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ସଦସ୍ୟ

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

# ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଲାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଲାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଲାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ପ୍ରବାସୀ ମୁମ୍ବାଇରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ

ମୁମ୍ବାଇ ,(ପି.ଏନ):ରିପୋର୍ଟ- ସନାତନ ମହାକୁଡ଼। ଭାଷାକୁ ବଞ୍ଚାନ୍ତୁ, ଭାଷା ବଞ୍ଚିଲେ ଜାତି ବଞ୍ଚିବ, ୨୦୨୫ ମାର୍ଚ୍ଚ ୧୧ ତାରିଖ ସନ୍ଧ୍ୟାର ମନୋରମ ମୁହୂର୍ତ୍ତ ରେ ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା ମୁମ୍ବାଇ ତରଫରୁ ଆଭାସୀ ମାଧ୍ୟମରେ ଆୟୋଜିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ପ୍ରାକ୍ତନ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱରର ଡ଼କ୍ଟର ହରିହର କାନୁନଗୋ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବକ୍ତବ୍ୟ ରଖିଛନ୍ତି। ବିଶିଷ୍ଟ ଭାଷା ବିଶେଷଜ୍ଞ ଡ଼କ୍ଟର ଦେବାଶିଷ ମହାପାତ୍ର ଅନ୍ୟତମ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ କହିଥିଲେ ଭାଷା ବଞ୍ଚି ରହେ ସାହିତ୍ୟ ରେ, ଗଣମାଧ୍ୟମରେ, ସଭା ସମିତିରେ, ଲୋକଚ଼ଳଣିରେ। ଆମ ଭାଷାକୁ ପ୍ରବାସୀ ଓଡ଼ିଆ ଘରେ ଅଧିକ ରୁ ଅଧିକ ବ୍ୟବହାର କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ବ୍ୟାସକବି ଫକୀରମୋହନଙ୍କ ଜନ୍ମ ସ୍ଥାନ ବାଲେଶ୍ୱର ମାଟିରୁ ଅକ୍ଷାଂଶ ର ସମ୍ପାଦକ ଡ଼କ୍ଟର ହରିଶ୍ଚନ୍ଦ୍ର ବେହେରା ଯୋଗ ଦେଇ ଓଡ଼ିଆ ଭାଷାର ପ୍ରାଚ଼ୀନତା ବ୍ୟାପକ,ଏବଂ ଓଡ୍ର ମାଗଧୀ ରୁ ଓଡ଼ିଆ ଭାଷା ଆସିଛି ବୋଲି କହିଥିଲେ। ପ୍ରବାସୀ ମୁମ୍ବାଇ ରୁ ମୈତ୍ରେୟୀ କମିଳା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ରୁ ଡ଼କ୍ଟର ବାମନ ଚ଼ରଣ ଦୀକ୍ଷିତ, ତେଲେଙ୍ଗାନାରୁ ଅରୁଣ କୁମାର ମହାପାତ୍ର,ବାଙ୍ଗାଲୋର ରୁ କୋଶଳକେତନ ତ୍ରିପାଠୀ, ଆମେରିକାରୁ ଚ଼ନ୍ଦ୍ରା ମିଶ୍ର ଯୋଗ ଦେଇ ଓଡ଼ିଆ ଭାଷାର ପ୍ରଚ଼ାର ପ୍ରସାର, ଏବଂ ପ୍ରବାସରେ ଭାଷା ର ବ୍ୟବହାର କେତେ ଗୁରୁତ୍ୱପୂର୍ଣ୍ଣ, ସେ ବିଷୟରେ ଆଲୋଚ଼ନା କରିଥିଲେ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗଡିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଭାରତ-ଅଷ୍ଟ୍ରେଲିଆ ଗୁରୁତ୍ୱପୂର୍ଣ୍ଣ ଖଣି ଗବେଷଣା ସହଯୋଗର ଅଂଶ ଭାବେ ସିଏସଆଇଆର-ଆଇଏମଏମଟି ଏବଂ ସିଏସଆଇଆରଓ ସହଯୋଗ ପ୍ରକଳ୍ପ

ଭୁବନେଶ୍ୱର,(ପି.ଏନ): ଭାରତୀୟ ବଂଶୋଭବ ଟାଇଟାନିୟମ ଖଣିଜ ପଦାର୍ଥ ଏବଂ ଭାନେଅଷ୍ଟ୍ରେଲିଆଡିୟମ୍ ଧାରଣ କାରୀ ଟାଇଟାନିୟମ ଖଣିଜ ପଦାର୍ଥରୁ ଟାଇଟାନିୟମ ଡାଇଅକ୍ସାଇଡ୍ ର ପୁନରୁଦ୍ଧାର ନେଇ ଅଷ୍ଟ୍ରେଲିଆର ଜାତୀୟ ବିଜ୍ଞାନ ସଂସ୍ଥା ସିଏସଆଇଆରଓ ସହ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସ୍ଆଇଆର୍) ଏହାର ସାମ୍ବିଧାନିକ ପରୀକ୍ଷାଗାର ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ ଟେକ୍ନୋଲୋଜି (ସିଏସ୍ଆଇଆର୍ ଆଇଏମଏମଟି) ଜରିଆରେ ଏକ ଗବେଷଣା ଓ ବିକାଶ ଚୁକ୍ତି ସ୍ୱାକ୍ଷର କରିଛି । ସିଏସ୍ଆଇଆର୍-ଆଇଏମଏମଟି ର ଡ. ଆର୍. ପି. ଦାସ ସେଣ୍ଟର ଫର୍ ହାଇଡ୍ରୋ, ବାୟୋ ଆଣ୍ଡ ଇଲେକ୍ଟ୍ରୋମେଟାଲର୍ଜି, ସିଏସଆଇଆର-ଆଇଏମଏମଟିରେ ସିଏସଆଇଆର-ଆଇଏମଏମଟି ଏବଂ ସିଏସଆଇଆରଓ ଦ୍ୱାରା ସ୍ୱାକ୍ଷରିତ ପ୍ରକଳ୍ପ ରାଜିନାମା ଆଦାନ ପ୍ରଦାନ ସହିତ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି ।ସିଏସଆଇଆରଓର ପ୍ରମୁଖ ଗବେଷଣା ବୈଜ୍ଞାନିକ ଡ. ଗୌତମ କୁମାର ଦାସ ଏବଂ ସିଏସ୍ଆଇଆର ଆଇଏମଏମଟି ଜଳ, ଜୈବ ଏବଂ ଇଲେକ୍ଟ୍ରୋମେଟାଲର୍ଜି ବିଭାଗର ମୁଖ୍ୟ ବୈଜ୍ଞାନିକ ତଥା ମୁଖ୍ୟ ଡ. କାଳୀ ସଞ୍ଜୟ ଏହି ପ୍ରକଳ୍ପ ସହଯୋଗର ନେତୃତ୍ୱ ନେବେ ।ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଧନ୍ୟବାଦ ଅର୍ପଣ କରି କହିଲେ, 'ସିଏସଆଇଆର-ଆଇଏମଏମଟି ଏବଂ ସିଏସଆଇଆରଓ ମଧ୍ୟରେ ଏହି ସହଯୋଗ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତା ପାଇଁ ଭାରତର ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଖଣିଜ ପ୍ରକ୍ରିୟାକରଣରେ ଆମର ଦକ୍ଷତା, ସିଏସଆଇଆରଓର ଅତ୍ୟାଧୁନିକ ଗବେଷଣା ସହିତ, ଭାରତରେ ଟାଇଟାନିୟମ ଏବଂ ଭାନାଡିୟମ୍ ସମ୍ବଳର ସମ୍ଭାବନାକୁ ଖୋଲିବାରେ ସାହାଯ୍ୟ କରିବ ।



ଅନ୍ତର୍ଜାତୀୟ ଭାଗିଦାରୀକୁ ଉପଯୋଗ କରି ଆମେ କେବଳ ଭାରତର ଖଣିଜ ନିରାପତ୍ତାକୁ ସୁଦୃଢ଼ କରୁନାହୁଁ ବରଂ ଭବିଷ୍ୟତ ପାଇଁ ସ୍ଥାୟୀ ଏବଂ ଅଭିନବ ମେଟାଲର୍ଜିକାଲ ଟେକ୍ନୋଲୋଜିକୁ ମଧ୍ୟ ପ୍ରୋତ୍ସାହିତ କରୁଛୁ ।ଅଷ୍ଟ୍ରେଲିଆର ସିଏସଆଇଆରଓର ପ୍ରମୁଖ ଗବେଷଣା ବୈଜ୍ଞାନିକ ଡ. ଗୌତମ ଦାସ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସିଏସଆଇଆରଓ ସିଏସଆଇଆର-ଆଇଏମଏମଟି ସହ ଭାଗିଦାରୀ କରି ଗର୍ବ ଅନୁଭବ କରୁଛି । ଏରୋସ୍ପେସ୍ ଠାରୁ ଆରମ୍ଭ କରି ଶକ୍ତି ସଂରକ୍ଷଣ ପର୍ଯ୍ୟନ୍ତ ଆଧୁନିକ ଶିଳ୍ପ ପାଇଁ ଟାଇଟାନିୟମ ଏବଂ ଭାନାଡିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଅତ୍ୟାବଶ୍ୟକ । ଏହି ସହଯୋଗ ମାଧ୍ୟମରେ, ଆମେ ସ୍ଥାୟୀ ନିଷ୍କାସନ ପ୍ରକ୍ରିୟାବିକଶିତ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ପରିବେଶ ପ୍ରଭାବକୁ ହ୍ରାସ କରିବା ସହିତ ସମ୍ବଳ ଦକ୍ଷତାକୁ ସର୍ବାଧିକ କରିବ । ଭାରତ-ଅଷ୍ଟ୍ରେଲିଆ ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ପାଇଁ ସ୍ଥିର ଏବଂ ସୁରକ୍ଷିତ ଯୋଗାଣ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତାର ପ୍ରମାଣ ।ସିଏସଆଇଆର-ଆଇଏମଏମଟିର ହାଇଡ୍ରୋ, ବାୟୋ ଆଣ୍ଡ ଇଲେକ୍ଟ୍ରୋମେଟାଲର୍ଜି ର ମୁଖ୍ୟ ଡ. କାଳୀ ସଞ୍ଜୟ କହିଲେ, 'ସିଏସଆଇଆର-ଆଇଏମଏମଟିରେ ଆମେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପାଇଁ ଅଭିନବ ସମାଧାନ ବିକଶିତ କରିବାରେ ଅଗ୍ରଣୀ ରହିଛୁ । ସିଏସଆଇଆରଓ ସହିତ ଏହି ଭାଗିଦାରୀ ଟାଇଟାନିୟମ ଡାଇଅକ୍ସାଇଡ ପୁନରୁଦ୍ଧାର ଏବଂ ଭାନାଡିୟମ୍ ନିଷ୍କାସନରେ ଆମର କ୍ଷମତାକୁ ଆହୁରି ବଢ଼ାଇବ । ଉନ୍ନତ ଜ୍ଞାନକୌଶଳର ଉପଯୋଗ କରି, ଆମେ ଦକ୍ଷ, ପରିବେଶ ଅନୁକୂଳ ପ୍ରକ୍ରିୟା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଭାରତର ଶିଳ୍ପ ଅଭିବୃଦ୍ଧିରେ ଯୋଗଦାନ କରିବ ଏବଂ ବିଶ୍ୱସ୍ତରୀୟ ସ୍ଥାୟୀତା ଲକ୍ଷ୍ୟ ସହିତ ସମନ୍ୱିତ ହେବ । ଆମେ ଏକ ଫଳପ୍ରଦ ସହଯୋଗ ପାଇଁ ଆଶା କରୁଛୁ ଯାହା ମେଟାଲର୍ଜିକାଲ ବିଜ୍ଞାନର ଭିତ୍ତିଭୂମି ବିକାଶ ପାଇଁ ପଥ ପ୍ରଶସ୍ତ କରିବ ।ସିଏସଆଇଆରଓର ଗ୍ରୁପ୍ ଲିଡର୍ (କ୍ରିଟିକାଲ ମିନେରାଲ୍ସ ପ୍ରୋସେସିଂ) ଡ. ଜୋଆନ୍ ଲୋହ ଏବଂ ସିଏସ୍ଆଇଆର ଆଇଏମଏମଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସମନ୍ୱୟ ପରିଚାଳନା କରିବେ ।ଭାରତ ଓ ଅଷ୍ଟ୍ରେଲିଆରେ ପ୍ରଚୁର ପରିମାଣରେ ଥିବା ଇଲମେନାଇଟ ଓ ଭାନାଡିଫେରାସ ମ୍ୟାଗ୍ନେଟାଇଟ୍ ଓରେସରୁ ଟାଇଟାନିୟମ ଏବଂ ଭାନାଡିୟମ୍ ବାହାର କରିବା ପାଇଁ ସିଏସଆଇଆରଓର ଅଭିନବ ଟାଇଟାନିୟମ/ଭାନାଡିୟମ୍ ପ୍ରକ୍ରିୟାକରଣ ଜ୍ଞାନକୌଶଳ ବିକଶିତ କରିବା ଏହି ମିଳିତ ପ୍ରକଳ୍ପର ଲକ୍ଷ୍ୟ ।ଟାଇଟାନିୟମ ଏବଂ ଭାନାଡିୟମ୍ କୁ ଉଭୟ ଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭାବରେ ବର୍ଗୀକୃତ କରାଯାଇଛି । ଧାତବ ମିଶ୍ରିତ ପଦାର୍ଥରେ ଟାଇଟାନିୟମ ବହୁଳ ଭାବରେ ବ୍ୟବହୃତ ହେଉଥିବା ବେଳେ ରେଡକ୍ସ ଫ୍ଲୋ ବ୍ୟାଟେରୀରେ ଭାନାଡିୟମ୍ ମଧ୍ୟ ଏକ ପ୍ରମୁଖ ଉପାଦାନ, ଯାହା ରିଚାର୍ଜଯୋଗ୍ୟ ଏବଂ ବୃହତ ଶକ୍ତି ସଂରକ୍ଷଣ ପାଇଁ ଉପଯୁକ୍ତ ।ଏହି ସହଯୋଗକୁ ସିଏସଆଇଆରଓର ଭାରତ-ଅଷ୍ଟ୍ରେଲିଆ କ୍ରିଟିକାଲ ମିନେରାଲ୍ସ ରିସର୍ଚ୍ଚ ପାର୍ଟନରସିପ୍ ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଉଛି, ଯାହା କି ଅଷ୍ଟ୍ରେଲିଆ ଫେଡେରାଲ ସରକାରଙ୍କ ଅପଡେଟ୍ ଇଣ୍ଡିଆ ଇକୋନୋମିକ ଷ୍ଟ୍ରାଟେଜି (ଆଇଇଏସ୍) ଅଧୀନରେ ୨୦୩୫ ପର୍ଯ୍ୟନ୍ତ ଏକ ପଦକ୍ଷେପ । ଏହି ପଦକ୍ଷେପ ଉଭୟ ଦେଶର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ପଦାର୍ଥ ପାଇଁ ସ୍ଥାୟୀ ଏବଂ ସ୍ଥିର ଯୋଗାଣ ଶୃଙ୍ଖଳା ବିକାଶ ଉପରେ ଗୁରୁତ୍ୱାରୋପ କରେ ।ଏହି ପ୍ରକଳ୍ପ ଭାରତୀୟ ଖଣିଜ ପଦାର୍ଥର ପ୍ରକ୍ରିୟାକରଣକୁ ଅଗ୍ରସର କରିବ, ଯାହା ସମ୍ଭବତଃ ଭାରତର ବିଶାଳ ଟାଇଟାନିୟମ ଜମାକୁ ଉନ୍ମୋଚନ କରିବ - ବିଶ୍ୱର ତୃତୀୟ ବୃହତ୍ତମ - ଏବଂ ଅଷ୍ଟ୍ରେଲିଆ ଜମା ଉପରେ ଇଙ୍କସ୍ୱବଭଶବଭବୟ ଚାଳିଥିବା ଗବେଷଣାକୁ ସମର୍ଥନ କରିବ।

# ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,(ପି.ଏନ): ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ତିନି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସରକାରଙ୍କ ବିଭିନ୍ନ ବିଭାଗରୁ ଛଟେଇ ହୋଇଥିବା ସମସ୍ତ ସରକାରୀ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ଦିଆଯିବା, ଛଟେଇ ବନ୍ଦ କରାଯିବା, ଚାକିରୀ ସୁରକ୍ଷା ପ୍ରଦାନ, ଗୃହ ବିଭାଗର ପତ୍ରସଂଖ୍ୟା- ୨୩୫୮୨ ତା ୧୩.୦୭.୨୦୨୨କୁ ପ୍ରତ୍ୟାହାର କରାଯିବା, ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀମାନଙ୍କୁ ସମାନ ନ୍ୟାୟ ପ୍ରଦାନ ଓ ଆଉଟସୋର୍ସିଂ କର୍ମଚାରୀଙ୍କ ଭଳି ସମସ୍ତ ସୁବିଧା ସୁଯୋଗ ପ୍ରଦାନ, ସମସ୍ତ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ସେମାନଙ୍କ ଅଭିଜ୍ଞତା, କଠିନ ପରିଶ୍ରମ ଓ ସନ୍ତୋଷଜନକ ସେବାକୁ ଭି ି କରି ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା ପ୍ରଭୃତି



ଦାବି ଗୁଡିକ ରହିଛି । କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାର୍ଥନା କରିଛନ୍ତି ଯେ ସେମାନେ ହେଉଛନ୍ତି ତୃଣମୂଳ ସ୍ତରର ସୈନିକ । ସରକାରଙ୍କର ବହୁବିଧ ଯୋଜନା ଓ କାର୍ଯ୍ୟକ୍ରମକୁ ସେମାନେ ପ ।ୟତ ଓ ଗାଁ ସ୍ତରରେ ପହ ।ଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ରାଜ୍ୟର ସ୍ୱାର୍ଥ ପାଇଁ ସେମାନେ ନିଜ ଜୀବନକୁ କଷ୍ଟଦେଇ ଲୋକଙ୍କ ସେବା କରୁଛନ୍ତି । କିନ୍ତୁ ସେମାନେ ଆର୍ଥିକ ଅନଟନର ଶୀକାର ହେଉଛନ୍ତି । ତେଣୁ ସେମାନଙ୍କ ଦୁଃଖକୁ ହୃଦୟଙ୍ଗମ କରି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ଚାକିରୀକୁ ସ୍ଥାୟୀ କରନ୍ତୁ । ଏହାଦ୍ୱାରା ସେମାନଙ୍କ ପରିବାରର ସଦସ୍ୟମାନେ ଆର୍ଥିକ ଅନଟନରୁ ମୁକୁଳି ପାରିବେ । ମହାସଙ୍ଘର କେନ୍ଦ୍ରାପଡା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ନାୟକ ଓ ସାଧାରଣ ସମ୍ପାଦକ ସମ୍ପଦ ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଜାମ୍ବର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# କେନ୍ଦ୍ରାପଡ଼ାରେ ନାନୋ ୟୁନିକର୍ନ୍ ଯୋଜନାର ଉଦଯାପନ ସମାରୋହ

କେନ୍ଦ୍ରାପଡ଼ା, (ପି.ଏନ): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ନାନୋ ୟୁନିକର୍ନ୍ ଯୋଜନାର ସଫଳତା ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ନାନୋ ୟୁନିକର୍ନ୍ ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ ତାଲିମ ପ୍ରଦାନ ପାଇଥିବା ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ଉଦ୍ୟୋଗତା ରୂପେ ଆତ୍ମ ନିର୍ଭରଶୀଳ ହେବା ନିମନ୍ତେ ଏକ ଦଶ ଦିନିଆ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ନିମନ୍ତେ ଅନଲାଇନ ମାଧ୍ୟମରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ଆବେଦନ କରିଥିଲେ ଏବଂ ଅଧିକୃତ କମିଟି ଦ୍ୱାରା ଉପଯୁକ୍ତ ପ୍ରାର୍ଥୀ ଓ ପ୍ରାର୍ଥୀନୀ ଚୟନ କରାଯାଇ ଚଳିତମାସ ୪ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଏବଂ ଟାଟା ଷ୍ଟ୍ରାଇଭ୍ ଅଧିକାରୀ ମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା । ଏହି ତାଲିମ ଟାଟା ଷ୍ଟ୍ରାଇଭ୍ର



ଉଦ୍ୟୋଗୀକରଣ ତାଲିମ ପ୍ରଦାନ ଅଧିକାରୀ ଡେନିଶ୍ ରାଜ୍ ନାୟକ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର କର୍ମଚାରୀ ବିଜୟ କୁମାର ପତି, ଶ୍ରଦ୍ଧାଞ୍ଜଳୀ ପ୍ରଧାନ, ରିଚା ବିଶ୍ୱାଳ, ଜିତେନ୍ଦ୍ର କୁମାର ସେଠୀ, ଆଶୁତୋଷ ତ୍ରିପାଠୀ, ହରିଚନ୍ଦନ ରାଉତଙ୍କ ସହଯୋଗରେ ସମାପନ କରାଯାଇଥିଲା । ଉଦଯାପନ ଦିବସରେ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ ପ୍ରବନ୍ଧକ ମନୋଜ ପ୍ରଧାନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ତାଲିମ ପ୍ରାପ୍ତ ଯୁବକ ଓ ଯୁବତୀ ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ "ନିଜର ଆର୍ଥିକ ଓ ସାମାଜିକ ଅବସ୍ଥାର ଉନ୍ନତି ନିମନ୍ତେ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ଆତ୍ମ ନିର୍ଭରଶୀଳତା ଏକ ମାଧ୍ୟମ" । ଏହି ଉଦଯାପନୀ ଦିବାସ ଶେଷ ପର୍ଯ୍ୟାୟରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା ତାଲିମ ପ୍ରାପ୍ତ ଯୁବକ ଓ ଯୁବତୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଯୋଜନା ମାଧ୍ୟମରେ ତାଲିମ ପ୍ରାପ୍ତ ଯୁବକ ଓ ଯୁବତୀ ମାନଙ୍କୁ ଏକ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ।

# ପ୍ରସିଦ୍ଧ ଅରିଲୋ ମେଳଣ ଶାନ୍ତିଶୃଙ୍ଖଳାର ସହ ସମ୍ପର୍ଣ୍ଣ

ଫୁଲନଖରା,(ପି.ଏନ):-କଟକ ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ଅରିଲୋ ଦୋଳ ମେଳଣ ୧୨ତାରିଖର ପବିତ୍ର ତ୍ରୟୋଦଶୀ ତିଥିରେ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି କ୍ଷ ପରମ୍ପରା ଅନୁସାରେ ମହୀଧରପଡା ଓ ଅରଡିଆପଡା ଗ୍ରାମର ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବ, ରାଧାମାଧବ ଦେବ ଓ ଗୋପୀନାଥ ଦେବ ସୁସଜ୍ଜିତ ବିମାନରେ ଆସି ଲଳିତା ଗଡିଆଠାରେ ପହଞ୍ଚିଥିଲେ କ୍ଷ ଅରିଲୋ ଶ୍ରୀ ଶ୍ରୀ ଜନାର୍ଦ୍ଦନ ଦେବଙ୍କ ମ୍ୟାନେଜିଂଗ ଟ୍ରଷ୍ଟି ଓ ପୂଜକ ଯାଇ ନିମନ୍ତ୍ରଣ କଲା ପରେ ୩ ଠାକୁର ସୁସଜ୍ଜିତ ବିମାନରେ ଠିଆହୋଇ ବାଜା ବାଣ ଷଣ୍ଢ ଓ ଘୋଡା ବନାଟି ଖେଳ ଇତ୍ୟାଦି ପ୍ରଦର୍ଶନ କରି ଶୋଭା ଯାତ୍ରା ରେ ଜନାର୍ଦ୍ଦନ ଚକଡାକୁ ଆସିବା ମାତ୍ରକେ ଜନାର୍ଦ୍ଦନ ଦେବ ଓ ଲକ୍ଷ୍ମୀନାରାୟଣ ଦେବ ବିମାନ ପରସ୍ପରକୁ ଛୁଇଁଲା ପରେ ହରିହରି ଭେଟ ସୃଷ୍ଟି ହୋଇଥାଏ ଓ ଶ୍ରୀ ଶ୍ରୀ ଜନାର୍ଦ୍ଦନ ଦେବ ଗୋପୀନାଥ ଦେବ, ଲକ୍ଷ୍ମୀନାରାୟଣ ଓ ରାଧାମାଧବ ଦେବ ୪ ଠାକୁର ଆଗେଇଗଲା ପରେ ପରେ ଦଳବାଡ଼, ମହୀଧରପଡା, ଶାଶଳ, ସରିଚୁଆ ଆମଣ, ନଗରୀ ଏହିପରି ୫୦ରୁ ଉର୍ଦ୍ଧ ଠାକୁର କ୍ରମ ଅନୁସାରେ ଅରିଲୋ ଦାଣ୍ଡ ଦେଇ ବିରାଟ ଶୋଭା ଯାତ୍ରାରେ ମେଳଣ ପଡିଆ ପୂର୍ବରୁ ବଉଳ ଗଛ ନିକଟରେ ପହଞ୍ଚିଥିଲେ ଓ ସୁନ୍ଦରା ଫାଟିବା ପରେ ସମସ୍ତ ବିମାନ ବଡ଼ି ଭୋରୁ ଭୋରୁ ମେଳଣ ପଡିଆରେ ଏକତ୍ର ହେଲାପରେ ପରମ୍ପରା ଅନୁସାରେ ଫୁଲନଖରା ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ମେଳଣ ପଡିଆରେ ପହଞ୍ଚିବା ପରେ ସବୁ ଠାକୁର ମାନ ଏକା ସଙ୍ଗେ ଭୋଗ ଖାଇସାରି ନିଜ ଆସ୍ଥାନକୁ ବାହୁଡ଼ିଥିଲେ ଓ ସନ୍ଧ୍ୟା ସମୟରୁ ତାପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଶହ ଶହ ଦୋକାନ ବିକାକିଣା ଲାଗିରହିଥିଲା ଓ ଏହି ମେଳଣରେ ପ୍ରତି ବର୍ଷ ୨୦ ରୁ ୩୦ ହଜାର ଭକ୍ତଙ୍କ ସମାଗମ ହୋଇଥାଏ ଓ ହରିହରି ଭେଟ ଦେଖିବା ପାଇଁ ପ୍ରାୟ ୧୦ହଜାର ଲୋକ ଜନାର୍ଦ୍ଦନଙ୍କ ଚକଡା ନିକଟରେ ଅପେକ୍ଷାକରି ରହିଥିଲେ ଓ ଶାନ୍ତି ଶୃଙ୍ଖଳା ପାଇଁ କଟକ ସଦର ଥାନା ଆଇଆଇସି ଓମପ୍ରକାଶ ମହାନ୍ତି, ଜୋନ-୪ ଏସିପି ଅମିତାଭ ମହାପାତ୍ର ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ସଦର ଥାନା ସମସ୍ତ କର୍ମଚାରୀ ମୁତୟନ ଥିବା ଦେଖିବାକୁ ମିଳିଥିଲା ଓ ସଭାପତି ସୁନ୍ଦରପବିତ୍ର ଦାସ, ସନାତନ ନନ୍ଦ, ସନ୍ତୋଷ କୁମାର ସାହୁ, ମୁରଲୀଧର ସ୍ୱାଇଁ, କାହ୍ନୁଚରଣ ପାତ୍ର, ରାଜା ସାହୁ, ଧୀରେନ୍ଦ୍ର ରାଉତରାୟ, ପରେଶ ମଙ୍ଗରାଜ ଏହିପରି ୪୦ରୁ ଉର୍ଦ୍ଧ ଶାନ୍ତି କମିଟି ସଭ୍ୟ ଓ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ଓ ଶାଶୋଳ ବିମାନ ଅଭିମାନ କରି ୧ଘଣ୍ଟା ବିଳମ୍ବରେ ମେଳଣରେ ସାମିଲ ହେବାରୁ ଅସନ୍ତୋଷ ଦେଖିବାକୁ ମିଳିଥିଲା ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday March 14 | ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୧୪, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଓଜେଏସ୍ ପରୀକ୍ଷାରେ କିଟ୍ ଲ ସ୍କୁଲ୍‌ର ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ବିଚାର ବିଭାଗୀୟ ସେବା (ଓଜେଏସ୍) ପରୀକ୍ଷାରେ କିଟ୍ ଲ ସ୍କୁଲ୍‌ର ୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗୁରୁବାର ଓଜେଏସ୍ -୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିଟ୍ ଲ ସ୍କୁଲ୍‌ରୁ ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଲ ସ୍କୁଲ୍‌ର ଅଭିପ୍ସା ମହାକୁଡ଼ ୧୨ତମ, ଶ୍ରୀୟଙ୍କା ଦାଶ ୧୩ ତମ ଓ ଆର୍ଯ୍ୟ କୁମାର ସେନାପତି ୧୮ତମ ସ୍ଥାନରେ ରହିଛନ୍ତି। ଅଭିପ୍‌ସା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗରେ ସହକାରୀ ନିର୍ଦ୍ଦେଶକ, ଆଇନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀୟଙ୍କା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଗବେଷଣା ସହକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଫଳତାରେ ଅଭିଭାବକ ତଥା ଛାତ୍ରଛାତ୍ରୀମାନେ କିଟ୍ ଲ ସ୍କୁଲ୍‌କୁ ଧନ୍ୟବାଦ ଜଣାଇବା ସହ ଏଠାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବାରୁ କିଟ୍ ଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଲଗାତାର ସଫଳତା ହାସଲ କରିଆସୁଛନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ଏହି ଅଭୂତପୂର୍ବ ସଫଳତାରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଲ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ଓ ଅଧ୍ୟାପକ ଅଧ୍ୟାପିକାଙ୍କ ନିରନ୍ତର ପ୍ରୟାସ ଯୋଗୁଁ କିଟ୍ ଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ବର୍ଷ ସଫଳତା ପାଇ ଆସୁଛନ୍ତି ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିପାରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ଗାଁ ସାଥୀ ସଂଘ ପକ୍ଷରୁ ବାଲିପାଟଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ବାଲିପାଟଣା,(ପି.ଏନ): ଗତ ବୁଧବାର ମଧ୍ୟାହ୍ନରେ ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଭୟ ବ୍ଲକର କାର୍ଯ୍ୟରତ ଶହେରୁ ଉର୍ଦ୍ଧ୍ୱ ଗାଁ ସାଥୀ ବିଡ଼ିଓଙ୍କ ମନରେଗା କାର୍ଯ୍ୟର ନୀତିନିୟମ ଉଲଂଘନ କରି ପଲ୍ଲୀ ସଭା ମାଧ୍ୟମରେ ନୂତନ ଗାଁ ସାଥୀ ଚୟନକୁ ନେଇ ଏକ ପ୍ରତିବାଦ ଧାରଣା ସଂଘର ସଭାପତି ବିଜୟ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରକାଶ ଥାଉକି ତତ୍ କାଳୀନ ସରକାରଙ୍କ ୨୦୦୮ ମସିହାର ବିଜ୍ଞପ୍ତି ଅନୁସାରେ ପ୍ରତ୍ୟେକ ରଜାସ ଗାଁ ରେ ଦୁଇଟି କରି ଗାଁ ସାଥୀ ଚୟନ କରାଯାଇଥିଲା । ସେମାନଙ୍କ କାର୍ଯ୍ୟ ହେଲା ନିଜ ନିଜ ଗ୍ରାମର ଜବ୍ କାର୍ଡ ଧାରୀ ଶ୍ରମିକମାନଙ୍କୁ ମହାତ୍ମାଗାନ୍ଧୀ ନିସ୍ୱିତ କର୍ମ ନିଯୁକ୍ତି କାର୍ଯ୍ୟରେ ଲଗାଇ ଶ୍ରମିକମାନଙ୍କ ଉପସ୍ଥାନ ପକାଇ କାର୍ଯ୍ୟରତ ସ୍ଥାନର ଫଟୋ ମୋବାଇଲରେ ଏମେଏମେଆପ ମାଧ୍ୟମରେ ଫଟୋ ଅପଲୋଡ଼ କରିବା ଓ ଯିଓ ଟ୍ୟାଗ କରିବା । ଯନ୍ତ୍ରୀଙ୍କୁ କାର୍ଯ୍ୟରତ ମାଟି ଖୋଳା ସ୍ଥାନର ମାପ ନେବାରେ ସାହାଯ୍ୟ କରିବା । କିନ୍ତୁ ବାସ୍ତବ କ୍ଷେତ୍ରରେ ବିଭିନ୍ନ ପଞ୍ଚାୟତରେ ଗାଁ ସାଥିଙ୍କୁ ଛାଡ଼ି ଅନ୍ୟ ଲୋକ ତଥା ସରପଞ୍ଚଙ୍କ ପାଖ ଲୋକଙ୍କ ହାତରେ ଏମଏମଆପର ଆଇଡି ଓ ପାସ ୱାର୍ଡ ଦିଆ ଯାଇ କାର୍ଯ୍ୟର ଫୋଟୋ ଉଠା ଯାଉଅଛି। ସରପଞ୍ଚ ଓ ବ୍ଲକ ଏପିଓଙ୍କ ମଧୁ ଚନ୍ଦ୍ରିକା ବୋଲି ସାଧାରଣରେ ଆଲୋଚନା କରାଯାଉଛି । ସେହି ଭଳି ଗୁଆପୁର ପଞ୍ଚାୟତରେ ସରକାରଙ୍କ ନୀତି ନିୟମକୁ ଉଲଂଘନ କରାଯାଇ ପଲ୍ଲୀ ସଭା ମାଧ୍ୟମରେ ନୂତନ ଗାଁ ସାଥି ଚୟନ କରାଯିବା ଘଟଣା ବିରୋଧରେ ଓ ନକଲି ଗାଁ ସାଥିଙ୍କୁ ନରେଗା କାର୍ଯ୍ୟରୁ ବାଦ ଦେବା, ସରକାରଙ୍କ ଲାଇନିସ୍ ବିଭାଗରେ ଗାଁ ସାଥିଙ୍କୁ କାର୍ଯ୍ୟରେ ସତପ୍ରତିଶତ ଲଗାଇବା, ସେମାନଙ୍କୁ ପ୍ରଶିକ୍ଷଣ ଦେବା ଆଦି ପ୍ରସଙ୍ଗ କୁ ସ୍ମାରକୀ ପତ୍ର ଭାବରେ ଅତିରିକ୍ତ ବିଡିଓଙ୍କୁ ପ୍ରଦାନ କରିଥିଲେ । ଏହି ସବୁ ବିଷୟ ସାତଦିନ ମଧ୍ୟରେ ସମାଧାନ ହେବା ପ୍ରତିଶ୍ରୁତି ପ୍ରଶାସନ ଅଧିକାରୀଙ୍କ ଠାରୁ ଲିଖିତ ଭାବରେ ମିଳିବା ପରେ ଧାରଣା ରତ ଗାଁ ସାଥି ଧାରଣାରରୁ ନିବୃତ ହୋଇ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ପଣ୍ଡା, ଜୟଦେବ ଗାଁ ସାଥୀ ସମ୍ପାଦକ ଦୀନବନ୍ଧୁ ଭୋଇ, ସାଗର ପଲେଇ ବିକ୍ଷୋଭ ପରିଚାଳନା କରିଥିବା ବେଳେ ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ରାଜ୍ୟ ସଦସ୍ୟ ପ୍ରତାପ ଦଳେଇ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଧଡ୍ଡୁ ସେଠୀ ଖୋର୍ଦ୍ଧା ଜିଲ୍ଲା, ଦେବେନ୍ଦ୍ର ନାଥ ମହାପାତ୍ର, ଅଜୟ କୁମାର ଭୋଇ, ସଂପାଦକ ଭୀମସେନ ଭୋଇ, ବସନ୍ତ କୁମାର ଭୋଇ, ଉମାକାନ୍ତ ରାଉତରାୟ, ଶତ୍ରୁ ଘନ ସାହୁ, ରବିନ୍ଦ୍ର ବେହେରା ପ୍ରଶନ୍ନ କୁମାର ପ୍ରଧାନ, ଝିଲ୍ଲି ମଲ୍ଲିକ, ସୁଜାତା ମଞ୍ଜିରି ଭୋଇ, ବନ୍ଦନା ଦାଶ,ମନୋରମା ଭୋଇ ପ୍ରମୁଖ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ।

# ଡିଏଲଆର ସଂଘର ପୁରୁଣା ତଥ୍ୟ ଦେଇ ପ୍ରଶାସନିକ ତଦନ୍ତକୁ ବାଟମାରଣା କରୁଛନ୍ତି ସରଖେଲ: ଶ୍ରମିକ ନେତା ପ୍ରକାଶ



ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ ର ଗତ ୨୦୨୪ ମସିହା ସେପ୍‌ଟେମ୍ବର ୪ ତାରିଖରେ ଆୟୋଜିତ ଏକ ସାଧାରଣ ସଭା ରେ ନୂତନ ସଭାପତି ଭାବେ ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ନିର୍ବାଚିତ ହୋଇଥିଲେ । ଉକ୍ତ ବୈଠକରେ ୭୦୦ ରୁ ଉର୍ଦ୍ଧ ଡିଏଲଆର ସଂଘର ସଭ୍ୟ ଉପସ୍ଥିତ ରହି ସର୍କେଲ, ସମୀର ବିଶ୍ୱାଳ ଓ ଅନ୍ୟ କର୍ମକର୍ତ୍ତା ଙ୍କ ବିରୁଦ୍ଧରେ ସେମାନଙ୍କ କାର୍ଯ୍ୟ ଶୈଳୀ ଉପରେ ଆପତି ଉଠାଇ ସର୍ବସମ୍ମତି କ୍ରମେ ବହିଷ୍କାର ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ପରେ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତାବ ଗୃହୀତ ହେବାପରେ ପ୍ରକାଶ ତ୍ରିପାଠୀ ଙ୍କୁ ସଭାପତି, ଅଭିମନ୍ୟୁ ବେହେରା ଙ୍କୁ ସଧାରଣ ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ମାନଙ୍କୁ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଆଧାରରେ ନିର୍ବାଚିତ କରାଯାଇଥିଲା । ଏହାପରେ ନୂତନ ନିର୍ବାଚିତ କର୍ମକର୍ତ୍ତା ମାନେ ଡିଏଲଆର ସଂଘର ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ଚଳାଇ ଆସୁଥିବା ବେଳେ ଗତ ବୁଧବାର ଦିନ ପୂର୍ବତନ ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ପୁରୁଣା ତଥ୍ୟ ଆଧାରରେ ସାଧାରଣରେ ବିଭ୍ରାନ୍ତ କରିବାର ଅପଚେଷ୍ଟା ଘଟଣାକୁ ନୂତନ କର୍ମକର୍ତ୍ତା ମାନେ ନିନ୍ଦା କରିଛନ୍ତି । ୨୦୧୪ ମସିହା ଦୀର୍ଘ ୧୦ ବର୍ଷ ଦାୟିତ୍ୱ ରେ ଥିବା ବେଳେ ସଭ୍ୟ ମାନଙ୍କ ସମସ୍ୟା କୁ ଅଣଦେଖା କରି ପଦବୀ ମାଡି ବସିଥିବା ସର୍କେଲ ଏବେ ଆରମ୍ଭ କରିଛନ୍ତି ନୂଆ ନାଟକ । ବାପି ସର୍କେଲ ଓ ସମୀର ବିଶ୍ୱାଳ ନିଜେ ଜଣେ ଜଣେ ଅପରାଧିକ ବ୍ୟକ୍ତି ହୋଇଥିବା ବେଳେ ଅନ୍ୟ ମାନଙ୍କୁ ଆଙ୍ଗୁଳି ଦେଖାଇବା ହସ୍ୟାସ୍ପଦ ବୋଲି ଅଭିଯୋଗ କରିଛନ୍ତି ସଂଘର ନୂତନ ସଭାପତି ପ୍ରକାଶ ତ୍ରିପାଠୀ । ଏହି ମର୍ମରେ ଏକ ପ୍ରେସ ବିଜ୍ଞପ୍ତି ରେ ଡିଏଲଆର ସଙ୍ଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ପୂର୍ବତନ କାର୍ଯ୍ୟକର୍ତ୍ତା ଗଣମାଧ୍ୟମ କୁ ଦେଇଥିବା ତଥ୍ୟ ପ୍ରଶାସନିକ ତଦନ୍ତ କୁ ବାଟମାରଣା କରିବା ଉଦ୍ଦେଶ୍ୟ ପ୍ରଣୋଦିତ । ଏବଂ ଅସାଧୁ ଉପାୟରେ ଯେଉଁ ଚିଠି ଗଣମାଧ୍ୟମରେ ପ୍ରଚାର କରାଯାଉଛି ତାହାର କୌଣସି ଆଇନଗତ ସତ୍ୟତା ନାହିଁ ବୋଲି ଅଭିଯୋଗ କରାଯାଇଛି । ତେବେ ବିଦାୟୀ ସଭାପତି ଅରିନ୍ଦମ ସର୍କେଲ ଆଲିଆସ ବାପି ସର୍କେଲ ନୂତନ କର୍ମକର୍ତ୍ତା ଙ୍କୁ ସଂଘର କାଗଜପତ୍ର ଓ ଅଫିସ ଗୃହର ଚାବି ନଦେବାରୁ କର୍ମକର୍ତ୍ତା ମାନେ ଆଇନ ର ସହାୟତା ନେଇ ପାରାଦୀପ ଆଦର୍ଶ ଥାନା ରେ ଅଭିଯୋଗ କରିଥିଲେ । ଏ ନେଇ ତଦନ୍ତ ଚାଲିଥିବା ବେଳେ ନିଜର ଅସଲ ମୁଖା ଖୋଲିଯିବା ଭୟରେ ସର୍କେଲ ମିଥ୍ୟା ଅପପ୍ରଚାର କରି ପ୍ରଶାସନ ର ତଦନ୍ତ କୁ ଦିଗହରା କରିବାର ଅପଚେଷ୍ଟା କରୁଛି ବୋଲି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଅଭିଯୋଗ କରିଛନ୍ତି । ତେବେ ଆମ ଲେଟର ପ୍ୟାଡ଼ ଓ ଷ୍ଟାମ୍ପ କୁ ଅପବ୍ୟବହାର, ମିଥ୍ୟା ରିଟର୍ଣ୍ଣ ଦାଖଲ, ପ୍ରଶାସନ ଅଧିକାରୀ ଙ୍କୁ ଭୁଲ ତଥ୍ୟ ପ୍ରଦାନ କରି ଶାନ୍ତ ପାରାଦୀପ ରେ ଅଶାନ୍ତି ସୃଷ୍ଟି କରୁଥିବା ବାପି ସର୍କେଲ ଓ ସମୀର ବିଶ୍ୱାଳ ଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଏଲଆର ସଂଘର ନୂତନ କାର୍ଯ୍ୟକର୍ତ୍ତା ମାନେ ଦାବୀ କରିଛନ୍ତି ।

# ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଚୈତ୍ର ପର୍ବ ଓ ଝାମୁ ଯାତ୍ରା ଏପ୍ରିଲ ୮ ରୁ ଆରମ୍ଭ



ରାୟଗଡ଼ା,(ପି.ଏନ) : ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଝାମୁ ଯାତ୍ରା ଓ ଚୈତ୍ର ପର୍ବ ଆସନ୍ତା ଏପ୍ରିଲ ମାସ ୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ମହାଆଡମ୍ବରରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି ମନ୍ଦିର ଟ୍ରଷ୍ଟି ପରିଚାଳନା କମିଟି । ଏନେଇ ଏକ ପୂର୍ବ ପ୍ରସ୍ତୁତି ବୈଠକ ମନ୍ଦିର ଟ୍ରଷ୍ଟି ଅଧକ୍ଷ ରାଇସିଂ ବିଡିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଚୈତ୍ର ପର୍ବ ଓ ଝାମୁଯାତ୍ରା ନିମନ୍ତେ ପାରମ୍ପରିକ ପୂଜା ରୀତିନୀତି ବିଧି ଅନୁଯାୟୀ ମା'ଙ୍କ ଘଟପୂଜା ଓ ଯଜ୍ଞପୂଜା ଅନୁଷ୍ଠିତ ହେବ। ଏପ୍ରିଲ ୭ ତାରିଖରେ ମଣ୍ଡଳ ବିନ୍ୟାସ ପରେ ଦୀକ୍ଷା ଗ୍ରହଣ ଓ ସଂଧ୍ୟାରେ ମନ୍ଦିର ନିକଟରେ ପ୍ରବାହିତ ଝଞ୍ଜାବତୀ ନଦୀରୁ ଜଳଯାତ୍ରା କରାଯାଇ ଅଙ୍କୁରାରୋପଣ ଆରମ୍ଭ ହେବ । ପାଞ୍ଚ ଦିନ ଧରି ସଂଧ୍ୟାରେ ମା'ଙ୍କ ଘଟ ନଗର ପରିକ୍ରମା କରାଯିବ । ଶେଷ ଦିନ ଝାମୁ ଅଗ୍ନିପୂଜା ପରେ ପୂଜକ କଣ୍ଟା ଦୋଳିରେ ଝୁଲଣ ଏବଂ ଅଗ୍ନିରେ ଚାଲିବା କାର୍ଯ୍ୟକ୍ରମ ପରେ ପୂର୍ଣ୍ଣାହୁତି ସହ ଚରୁ ବିତରଣ କରାଯିବାର କାର୍ଯ୍ୟକ୍ରମ କ୍ରମ ରହିଛି। ସେହିପରି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚୈତ୍ର ପର୍ବରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିରରେ ରେ ପାନୀୟ ଜଳର ସୁବ୍ୟବସ୍ଥା ସହ ଦୂରଦୂରାନ୍ତରୁ ଆସିଥିବା ଭକ୍ତଙ୍କ ରହଣୀ ନିମନ୍ତେ ବ୍ୟବସ୍ଥା ମା'ଙ୍କ ଦର୍ଶନ ପାଇଁ ବ୍ୟବସ୍ଥା ତଥା ଶ୍ରଦ୍ଧାଳୁଙ୍କ ପାଇଁ ଶାନ୍ତିଶୃଙ୍ଖଳା ନିମନ୍ତେ ସ୍ଥାନୀୟ ପୁଲିସର ସହଯୋଗ ନିଆଯିବ ବୋଲି ଟ୍ରଷ୍ଟି ଶ୍ରୀ ବିଡିକା ପ୍ରକାଶ କରିଛନ୍ତି। ଚୈତ୍ର ପର୍ବ ଅବସରରେ ମା' ମଝିଘରିଆଣୀ ଉକ୍ତ ୫ ଦିନ ଭକ୍ତମାନଙ୍କୁ ସୁନାବେଶରେ ଦର୍ଶନ ଦେବାକୁ ଥିବା ବେଳେ ମନ୍ଦିର ଟ୍ରଷ୍ଟ ପରିଚାଳନା କମିଟି ପକ୍ଷରୁ ଆଲୋକମାଳା ଓ ଫୁଲମାଳରେ ମନ୍ଦିରକୁ ସୁସଜ୍ଜିତ କରାଯାଇଥାଏ ।

## ହାକୁଆ ମେଳଣ ପାଇଁ ପ୍ରସ୍ତୁତି ବୈଠକ

ଫୁଲନଖରା,(ପି.ଏନ): ସଦର ଥାନା ଶଙ୍ଖତ୍ରାସ ଅଞ୍ଚଳର ପୁରାତନ ତଥା ପ୍ରସିଦ୍ଧ ହାକୁଆ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଶିକ୍ଷାବିତ ପ୍ରଦ୍ୟୁମ୍ନକୁମାର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ, ସଦର ଆଇଆଇସି ଓମପ୍ରକାଶ ମହାନ୍ତି, ଏସିପି ଅମିତାଭ ମହାପାତ୍ର, ଖଣ୍ଡାଏତା ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଚନ୍ଦ୍ରମଣି ପ୍ରଧାନ, ପ୍ରଫୁଲ ଛାଟୋଇ, ସନ୍ତୋଷକୁମାର ପତି, ଖଲର୍ଦ୍ଦା ପ୍ରାକ୍ତନ ସରପଞ୍ଚ ଦେବରଞ୍ଜନ ବୈଠାଲୁ, ଚିତ୍ତରଞ୍ଜନ ପ୍ରଧାନ, ବିନ୍ଦୁଭୂଷଣ ନନ୍ଦ, ବୈଦ୍ୟନାଥ ପତି, ରବିନ୍ଦ୍ର ବାରିକ, ସୌମ୍ୟରଞ୍ଜନ ପତି, ସାନୁ ପତି ଏବଂ ରକେଟ୍ସ କ୍ଲବର ସନ୍ଦୀପ ରାଉତ, ସୁଜିତ ବୈଠାଲୁ, ପୁପୁନ ମହାନ୍ତି, ପ୍ରଶାନ୍ତ ସାହୁ, ରଶ୍ମିରଂଜନ ଦାସ, ରାଜା ସ୍ୱାଇଁ ଓ ବିଜୟକୁମାର ବାରିକ ଯୋଗ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ହେବାକୁ ଥିବା ମେଳଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଆଲୋଚନା କରିଥିଲେ। ନିଶା ଦ୍ରବ୍ୟ ବର୍ଜନ, ଡିଜେ ବ୍ୟବହାର ନକରି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏତଦ ସହିତ ଉକ୍ତ ଦିନ ଶଙ୍ଖତ୍ରାସଠାରେ ଥିବା ମଦ ଦୋକାନ ଓ ବାଲିଘାଟକୁ ବନ୍ଦ କରିବାକୁ ପୁଲିସକୁ ଅନୁରୋଧ କରାଯାଇଥିଲା।

# ପ୍ରଶାସନ ହସ୍ତକ୍ଷେପ ପରେ ଇଫକୋ ଜିପସମ ପରିବହନ ବିବାଦ ତୁଟିଲା : ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ପ୍ରଚେଷ୍ଟା ପାଇଁ ସାଧୁବାଦ ଜଣାଇଲା ଜେସିସି

ପାରାଦୀପ ,(ପି.ଏନ): ପାରାଦୀପ ର ଇଫକୋ ସାରକାରଖାନା ରେ ଗଚ୍ଛିତ ଥିବା ଜିପସମ ଗୁଣ୍ଡ ଅପସାରଣ ଅପରିହାର୍ଯ୍ୟ ହୋଇପଡିଥିବା ବେଳେ ଦୀର୍ଘଦିନ ହେବ ଏହାର ପରିବହନ ନେଇ ବିବାଦ ଲାଗି ରହିବା ଯୋଗୁଁ ଏହା ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା କ୍ଷ ଗତ ୨୦୧୧ ମସିହାରେ ଇଫକୋ ଓ ଟ୍ରକ ମାଲିକ ସଙ୍ଘ ମିଳିତ ସମନ୍ୱୟ କମିଟି (ଜେସିସି) ମଧ୍ୟରେ ଜିପସମ ପରିବହନ ନିମନ୍ତେ ଏକ ବୁଝାମଣା ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇ ପାରିନଥିଲା । ଏତଦବ୍ୟତୀତ ଦୀର୍ଘ ତିନିବର୍ଷ ହେବ ଜେସିସି ର ଟ୍ରକ ମାଲିକ ମାନେ ଇଫକୋ ର ଜିପସମ ପରିବହନ ରୁ ବଞ୍ଚିତ ହୋଇ ଘୋର ଆର୍ଥିକ ଅନାଟନରେ ଗତି କରୁଥିଲେ କ୍ଷ ଏହି ଘଟଣା କୁ ନେଇ ବିଭିନ୍ନ ପରିବହନକାରୀ ସଂସ୍ଥା ଓ ଜେସିସି ମଧ୍ୟରେ ବିବାଦ ଓ ଉତ୍ତ ?ଜନା ବୃଦ୍ଧି ପାଇବାରୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରିଥିଲା । ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନ ରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏକ ବୈଠକ ରେ ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର,ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ପ୍ରମୁଖ ଙ୍କ ସମେତ ଇଫକୋ ଅଧିକାରୀ କେ.ମୋହନ ରାଓ ଓ ବି.କେ.ମିଶ୍ର, ପାରାଦୀପ ଟ୍ରକ ମାଲିକ ସଙ୍ଘ ର ସଭାପତି ବିରଞ୍ଚି ନାରାୟଣ ପରିଡା (ଆଲୋକ) ଓ ସମ୍ପାଦକ ରାଜେଶ ମହାନ୍ତି,ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ସଭାପତି ରାକେଶ ଜେନା ଓ ସମ୍ପାଦକ ବାବୁଲି ପଲାଇ, ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସମ୍ପାଦକ ରଞ୍ଜିତ ବେହେରା, ବିଭିନ୍ନ ପରିବହନକାରୀ ସଂସ୍ଥା ର ପ୍ରତିନିଧି ଓ ଜେସିସି ର କର୍ମକର୍ତ୍ତା ଉପସ୍ଥିତ ରହି ଇଫକୋ ଜିପସମ ପରିବହନ ସୁଗମ କରିବା ଉପରେ ଆଲୋଚନା କରିଥିଲେ କ୍ଷ ଶେଷରେ ଜେସିସି ମାଧ୍ୟମରେ ଇଫକୋ ର ୭୦ ପ୍ରତିଶତ ଓ ଅନ୍ୟ ପରିବହନ ସଂସ୍ଥା ମାନେ ୩୦ ପ୍ରତିଶତ ଜିପସମ ପରିବହନ କରିବାର ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ତେବେ ଏହି ଐତିହାସିକ ନିଷ୍ପତି ପାଇଁ ପରିବହନ କ୍ଷେତ୍ରରେ ଲାଗି ରହିଥିବା ଅଚଳବସ୍ଥା ଦୂରହେବା ସହ ଗାଡି ମାଲିକ ଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ତେବେ ଏହି ବିବାଦ ସମାଧାନ ଦିଗରେ ପାରାଦୀପ ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ପ୍ରଚେଷ୍ଟା ଓ ସହଯୋଗ ପାଇଁ ଜେସିସି ପକ୍ଷରୁ ତାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray